୬ ଟିମ୍ ଇଣ୍ଡିଆରେ ହେବ ବଡ଼ ପରିବର୍ତ୍ତନ
ବାଦ୍ ପଡ଼ିପାରନ୍ତି ୪ ଖେଳାଳି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୨୧୦ ● ୩୦ ଅଗଷ୍ଟ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-210 ● 30th August 2026, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ରାଜ୍ୟସ୍ତରୀୟ ଡିଜିପି,ଆଇଜିପି ସମ୍ମିଳନୀ : ପୋଲିସ ବିଭାଗକୁ ୧୦ ସୂତ୍ରୀ ମାର୍ଗଦର୍ଶନ

# ମହିଳା ବିରୋଧୀ ହିଂସାରେ ଦଣ୍ଡବିଧାନ ହାର ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୨୯।୮

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ପୋଲିସ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଡିଜିପି ଏବଂ ଆଇଜିପି ସମ୍ମିଳନୀ ଅବସରରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଆଇନ ଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ସୁରକ୍ଷା ଏବଂ ଭବିଷ୍ୟତର ପୋଲିସିଂ ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରିଛନ୍ତି। ପୋଲିସ ସଂସ୍କାର ପାଇଁ ପ୍ରତ୍ୟେକ ପ୍ରସ୍ତାବ ଓ ଗୁରୁତ୍ୱପୂର୍ଣ୍ଣ ଦିଗକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ନେବା ସହିତ ଏଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ସରକାର ସମସ୍ତ ସାଧନ, ଅନୁଦାନ ଓ ପ୍ରଶାସନିକ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ବିଭାଗ ପକ୍ଷରୁ ଉପସ୍ଥାପିତ ପ୍ରତ୍ୟେକ ପ୍ରସ୍ତାବ ଓ ଦିଗକୁ ଗୁରୁତ୍ୱର ସହ ନେବା ସହିତ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଓ ସମ୍ମିଳନୀ ମାଧ୍ୟମରେ ଆରକ୍ଷୀ ଅଧୀକ୍ଷକ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ସେମାନଙ୍କ




ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୧୦ଟି ମୁଖ୍ୟ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ଏଗୁଡିକ ହେଲା- ଜିରୋ ଟଲରେନ୍ସ ନୀତି, ଦଣ୍ଡବିଧାନ ହାର ବୃଦ୍ଧି, ନିଶାମୁକ୍ତ ଓଡ଼ିଶା, ତଟରେଖା ଓ ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା ଓ ଡାର୍କ ୱେବ୍, ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ, ଥାନା ଆଧୁନିକୀକରଣ, ପୋଲିସର ଜନସାଧାରଣଙ୍କ ପ୍ରତି ନମ୍ର, ସମ୍ବେଦନଶୀଳ ଓ ଭରସାଯୋଗ୍ୟ ବ୍ୟବହାର, 'ଦାଦା ବଟି' ଓ ଚାନ୍ଦା ଆଦାୟ ଉପରେ ରୋକ୍, ଦୁର୍ନୀତିମୁକ୍ତ ଓ ସମର୍ପିତ ପୋଲିସିଂ ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସାଧାରଣ ନାଗରିକଙ୍କ ପ୍ରତି ପୋଲିସର ନମ୍ର ଓ ସମ୍ବେଦନଶୀଳ ବ୍ୟବହାର ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀ ଜଣେ ପୀଡ଼ିତ, ତେଣୁ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି ।

ମହିଳାଙ୍କ ପ୍ରତି ହେଉଥିବା ହିଂସା ଏବଂ ସଂଗଠିତ ଅପରାଧ ବିରୋଧରେ ସରକାର 'ଜିରୋ ଟଲରେନ୍ସ' ନୀତି ଆପଣାଇଛନ୍ତି। ଏନସିଆରବିର ତଥ୍ୟ ଅନୁଯାୟୀ ପୂର୍ବରୁ ଥିବା କମ୍ ଦଣ୍ଡବିଧାନ ହାରରେ ଏବେ ଉଲ୍ଲେଖନୀୟ ସୁଧାର ଆସି ୪୦ ପ୍ରତିଶତରୁ ଅଧିକ ହୋଇଛି, ଯାହାକୁ ଅତି କମ୍‌ରେ ୭୫ ପ୍ରତିଶତକୁ ନେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ତଦନ୍ତ ପ୍ରକ୍ରିୟାକୁ ଅଧିକ ବୃତ୍ତିଗତ ଓ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପାର୍ବଣ ଋତୁ ଆଗତ (ପୃଷ୍ଠା ୭ରେ)

# ଉପକୂଳ ସୁରକ୍ଷା ପାଇଁ କାର୍ଯ୍ୟକାରୀ ହେବ 'ଆରାଇଜ୍' ପ୍ରକଳ୍ପ

ଭୁବନେଶ୍ୱର, ୨୯।୮

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ଉପକୂଳ ଅଞ୍ଚଳକୁ ଅବକ୍ଷୟରୁ ସୁରକ୍ଷା, ଜଳବାୟୁ ପରିବର୍ତ୍ତନଜନିତ ବିପଦର ମୁକାବିଲା, ପରିବେଶ ସୁରକ୍ଷା ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ସ୍ଥାୟୀ ଆର୍ଥିକ ବିକାଶକୁ ଅଧିକ ସୁଦୃଢ଼ କରିବା ନେଇ ରାଜ୍ୟ ସରକାର 'ଆଡାପଟିଭ୍ ରିସାଲିଏନ୍ସ ଇନଭେଷ୍ଟମେଣ୍ଟ ଇନ କୋଷ୍ଟାଲ ସିଷ୍ଟମସ ଅନ୍ ଇକୋନୋମିକ୍ସ' (ଆରାଇଜ୍) ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏନେଇ ଯେପରି ଦୀର୍ଘମିଆଦୀ, ବୈଜ୍ଞାନିକ ଓ ସ୍ଥାୟୀ ରଣନୀତି ଗ୍ରହଣ କରାଯିବ ସେନେଇ ଶନିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି।

ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ଏବଂ ଓଏସଡମାର ମିଳିତ ପ୍ରୟାସରେ ରାଜ୍ୟର ୫୭୩ କିମି ସମୁଦ୍ର ତଟରେଖାକୁ ନେଇ ପ୍ରାଥମିକ ତଦନ୍ତ କରାଯାଇଥିଲା। ସାମୁଦ୍ରିକ ତଟ କ୍ଷୟ ରୋକିବା, ନଦୀ ଶଯ୍ୟାକୁ ଆବର୍ଜନା ଓ ପଟୁମାଟି ମୁକ୍ତ କରିବା, ଉପକୂଳବର୍ତ୍ତୀ ଗ୍ରାମର ଲୋକଙ୍କ ଜୀବନ ଏବଂ ଜୀବିକାର ସୁରକ୍ଷା ସଂକ୍ରାନ୍ତରେ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ସହ ଜଳସମ୍ପଦ ବିଭାଗ, ଜଙ୍ଗଲ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ



ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନେଇ ପୂର୍ବରୁ ଆଲୋଚନା ମାଧ୍ୟମରେ ଏକ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା, ଯାହା ଆଧାରରେ ଆଜିର ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି।

କେରଳ, କର୍ଣ୍ଣାଟକ ଏବଂ ତାମିଲନାଡୁରେ ମଧ୍ୟ ଏଡିବି ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ମିଶି ଉପକୂଳ ସୁରକ୍ଷା ପ୍ରକଳ୍ପ ସଂକ୍ରାନ୍ତରେ କାର୍ଯ୍ୟ ଆରମ୍ଭ କରିଥିବା ବେଳେ କର୍ଣ୍ଣାଟକରେ ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ ଇତିମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହୋଇଛି । ଓଡ଼ିଶା ଉପକୂଳ ନେଇ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ହେବା ପରେ ଏହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରି ଉପକୂଳ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ବୈଠକରେ ଓଡ଼ିଶାର ସମଗ୍ର ଉପକୂଳରେ ଦେଖାଦେଉଥିବା ଉପକୂଳ କ୍ଷୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଉପକୂଳ କ୍ଷୟର ପ୍ରଭାବକୁ ହ୍ରାସ କରିବା, ସମୁଦ୍ର ଓ ଉପକୂଳବର୍ତ୍ତୀ ତଟର ସୁରକ୍ଷା କରିବା ସହିତ ଦୀର୍ଘମିଆଦୀ ଉପକୂଳ ସୁରକ୍ଷା ପାଇଁ ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟର ବିପୁଳ ସାମୁଦ୍ରିକ ସମ୍ପଦ ଓ ସମ୍ଭାବନାକୁ ଆଧାର କରି 'ବ୍ଲୁ ଇକୋନୋମି' ବା ନୀଳ ଅର୍ଥନୀତିର ବିକାଶ ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ସାମୁଦ୍ରିକ ସମ୍ପଦର ସୁଗମ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସହିତ ଉପକୂଳବର୍ତ୍ତୀ ଲୋକଙ୍କ ଜୀବିକା, ଅର୍ଥନୈତିକ ସୁଯୋଗ ଏବଂ ରାଜ୍ୟର ସାମଗ୍ରିକ ଆର୍ଥିକ ବିକାଶକୁ ଆଗେଇ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍, ଓଏସଡମା, ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୩୧ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୯।୮

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ସୋମବାର ଅଗଷ୍ଟ ୩୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ତା.୩୧.୦୮.୨୦୨୬ ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ।

## ବୃହତ୍ ଶିଳ୍ପ ନିବେଶ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୯।୮

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ବୃହତ୍ ଶିଳ୍ପନିବେଶ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ରହୁଥିବା ବିଭିନ୍ନ ପ୍ରସଙ୍ଗର ସମାଧାନ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ




ହେମନ୍ତ ଶର୍ମା, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡକୋର ଅଧ୍ୟକ୍ଷା ଉଷା ପାଢ଼ୀ, ଶକ୍ତି, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ସମେତ ଅର୍ଥ, ଶକ୍ତି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ବାଣିଜ୍ୟ ଓ ପରିବହନ, ଜଳ ସମ୍ପଦ ଆଦି (ପୃଷ୍ଠା ୭ରେ)

# ଦନ୍ତ ଚିକିତ୍ସକଙ୍କ ପାଇଁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଘୋଷଣା

ଭୁବନେଶ୍ୱର, ୨୯।୮

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସେସ୍ (ଡେଣ୍ଟାଲ) କ୍ୟାଡରରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କ ପାଇଁ ଏକ ବଡ଼ ପ୍ରୋତ୍ସାହନ ଘୋଷଣା କରାଯାଇଛି।

ସରକାରଙ୍କ ନୂତନ ନିଷ୍ପତ୍ତି ଅନୁଯାୟୀ, ଏନଏମସି ଦ୍ୱାରା ସ୍ୱୀକୃତ ମେଡିକାଲ କଲେଜରୁ ପୋଷ୍ଟ-ଗ୍ରାଜୁଏସନ୍ ଯୋଗ୍ୟତା ହାସଲ କରିଥିବା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ଦନ୍ତ ଚିକିତ୍ସକ ମାନଙ୍କୁ ପ୍ରତିମାସ ୨୦,୦୦୦



ଟଙ୍କା ପ୍ରୋତ୍ସାହନ ପ୍ରଦାନ କରାଯିବ। ସରକାରଙ୍କ ପକ୍ଷରୁ ଜାରି ନୋଟିଫିକେସନ୍‌ରେ କୁହାଯାଇଛି ଯେ, ଏହି ପ୍ରୋତ୍ସାହନ ନୋଟିଫିକେସନ୍ ଜାରି ହେବା ତାରିଖ, ଅର୍ଥାତ୍ ୨୯ ଅଗଷ୍ଟ ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଏହି ଅବସରରେ କହିଛନ୍ତି ଯେ , " ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ସରକାର ପୋଷ୍ଟ-ଗ୍ରାଜୁଏସନ୍ ଯୋଗ୍ୟତାପ୍ରାପ୍ତ ଦନ୍ତ ଚିକିତ୍ସକମାନଙ୍କୁ ସରକାରୀ ସେବାରେ ଉତ୍ସାହିତ କରିବା ସହ ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବିଶେଷଜ୍ଞ ଦନ୍ତ ଚିକିତ୍ସା ସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଶ୍ଚିତ ରୂପେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବ। ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ସମ୍ମତି ମିଳିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ନୋଟିଫିକେସନ୍ ଜାରି କରାଯାଇଛି।

## ଆଜିର ମୁଖ୍ୟ ଖବର

- ଅଭିନେତା ସୈଫ୍ ଅଲ୍ଲୀ ଖାନ୍‌ଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତ ଦୋଷ ସ୍ୱୀକାର କରିବାକୁ କୋର୍ଟଙ୍କ ଅନୁମତି ମାଗିଲା।
- ନେପାଳ ବନ୍ୟା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଲେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖରଗେ।
- ଦିଲ୍ଲୀରେ ସିଏନଜି ମୂଲ୍ୟ କିଲୋଗ୍ରାମ ପିଛା ୩.୮୯ ଟଙ୍କା ବୃଦ୍ଧି।
- ବଲୁଚିସ୍ତାନର କୋଇଲା ଖଣିରେ ବିଷାକ୍ତ ଗ୍ୟାସରେ ତିନି ଖଣି ଶ୍ରମିକଙ୍କ ମୃତ୍ୟୁ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୧୧୩ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୭୭୦ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୦୮୫ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୫ (+୦)

## କାର୍ଯ୍ୟରେ ଯୋଗଦେଲେ ସୂଚନା ଓ ଲୋକସମ୍ପର୍କ ବିଭାଗର ନୂତନ ନିର୍ଦ୍ଦେଶକ



ଭୁବନେଶ୍ୱର, ୨୯।୮

ନ୍ୟୁଜ୍ ବ୍ୟୁରୋ

ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସଞ୍ଜୟ କୁମାର ବିଶ୍ୱାଳ ଶନିବାର ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷଠାରେ ଶ୍ରୀ ବିଶ୍ୱାଳଙ୍କୁ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ କଲାମୁଦ୍ଦିନ୍, ଅତିରିକ୍ତ ନିର୍ଦ୍ଦେଶକ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ପୂର୍ବତନ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ତାଙ୍କର ନୂତନ କାର୍ଯ୍ୟଭାର ନେଇ ଶୁଭେଚ୍ଛା ଜଣାଇଥିଲେ । ବିଭାଗର ଅନ୍ୟ ଅଧିକାରୀମାନେ ମଧ୍ୟ ଶ୍ରୀ ବିଶ୍ୱାଳଙ୍କୁ ସ୍ୱାଗତ ଜଣାଇଥିଲେ । ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ବିଭାଗୀୟ କାର୍ଯ୍ୟର ସୂଚାରୁ ସମ୍ପାଦନ ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡ଼ିଥିଲେ ।

ସୂଚନାଯୋଗ୍ୟ ଯେ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପୂର୍ବରୁ ବାଣିଜ୍ୟ ଓ ପରିବହନ ବିଭାଗରେ ଅତିରିକ୍ତ ଶାସନ (ପୃଷ୍ଠା ୭ରେ)

## ନୀତିନ ଗଡକରି ରାଜନୀତିରୁ ଦୂରେଇ ଯିବେ !




## ଅକ୍ଟୋବର ୨୯ରୁ ଓଡ଼ିଶା ସିଭିଲ୍ ସର୍ଭିସ୍ (ମେନ୍) ପରୀକ୍ଷା

ଭୁବନେଶ୍ୱର, ୨୯।୮

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଅକ୍ଟୋବର ୨୯ରୁ ଓଡ଼ିଶା ସିଭିଲ ସର୍ଭିସ୍ (ମେନ୍) ପରୀକ୍ଷା ଆରମ୍ଭ ହେବ। ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି ) ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ନଭେମ୍ବର ୧୧ ତାରିଖ ଯାଏ ଓସିଏସ୍ ପରୀକ୍ଷା ଅନୁଷ୍ଠିତ ହେବ। ଦୁଇଟି ସିଟିଂରେ ପରୀକ୍ଷା ହେବ । ସକାଳ୯ଟାରୁ ୧୨ଟା ପ୍ରଥମ ସିଟିଂ ଓ ୨ଟାରୁ ୫ଟା ଦ୍ୱିତୀୟ ସିଟିଂରେ ପରୀକ୍ଷା କରାଯିବ। ପ୍ରତି ସିଟିଂରେ ପିଡବ୍ଲୁଡି ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ୧ ଘଣ୍ଟା ସମୟ ମିଳିବ।

## ଏକାଳ ପଖାଳ



ଏପଟେ ମିଳଇ ପୁଳାପୁଳା ଟଙ୍କା
ସେପଟେ ବାର୍ଦ୍ଧକ୍ୟ କାନ୍ଦେ
ହାଣ୍ଡିଶାଳେ ହାଣ୍ଡି ଚିତ୍‌ପଟାଙ୍ଗ
ଦରଦାମ୍ ପୂରା ବିନ୍ଧେ
ସାଗର ଶୋଷି ଦିଅ ପାଣି ମୁନ୍ଦେ
ଫାର୍ସ ଚାଲିଛି ରୀତିମତ ଏଠି
ଶ୍ୱାସ ବନ୍ଦ ହୁଏ ଦୁର୍ଗନ୍ଧେ।

# ଚାଷୀଙ୍କୁ ବିପଦ : ଅଦୃଶ୍ୟ କୀଟ ସ୍କ୍ରବ୍ ଟାଇଫସ୍



ଭୁବନେଶ୍ୱର, ୨୯।୮

ନ୍ୟୁଜ୍ ବ୍ୟୁରୋ

ଅତି ଛୋଟିଆ କୀଟ, ଆଖିକୁ ଭଲ ଭାବରେ ଦେଖାଯାଏନି। କିନ୍ତୁ ପ୍ରାଣଘାତୀ। କାମୁଡ଼ିଲେ ସାଂଘାତିକ ରୋଗ ହେଉଛି, ଠିକ୍ ସମୟରେ ଚିକିତ୍ସା ନକଲେ ଶରୀରର ଗୋଟିଏ ପରେ ଗୋଟିଏ ଅଙ୍ଗକୁ କରିଦେଉଛି ଅଚଳ। ଆଉ ଚାଲି ଯାଉଛି ଜୀବନ। ବର୍ଷା ଋତୁରେ ବଢୁଛି ଏହି ଅଦୃଶ୍ୟ ବିପଦ ସ୍କ୍ରବ୍ ଟାଇଫସ୍। ଅନୁଗୁଳ ଜିଲ୍ଲା ପାଲଲହଡ଼ାର ସାନବାଗଦରୀ ଗାଁରେ ଏହି ରୋଗକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଜଣଙ୍କର ମୃତ୍ୟୁ ଅଭିଯୋଗ ହୋଇଥିବା ବେଳେ ୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାପରେ ଗାଁରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଲୋକଙ୍କ ରକ୍ତ ନମୁନା ପରୀକ୍ଷା କରିଛନ୍ତି। କ'ଣ ଏହି ସ୍କ୍ରବ୍ ଟାଇଫସ୍, କେମିତି ବ୍ୟାପେ ଓ ଲକ୍ଷଣ କଣ ? ଆଉ କେମିତି ରହିବେ ସୁରକ୍ଷିତ ? ସେ ନେଇ ସଚେତନତା ସୃଷ୍ଟି କରାଯାଉଛି।

ଟିଙ୍କ ଭଳି ଦିଶୁଥିବା ଛୋଟିଆ କୀଟ, କାମୁଡ଼ିଲେ ସାଙ୍ଘାତିକ ରୋଗ। ଘାସ, ବୁଦା ଆଉ ଜଙ୍ଗଲ ଭିତରେ ଲୁଚି ରହୁଥିବା ଏମିତି ଏକ କୀଟକୁ ଖୋଜିବାକୁ ଆପଣଙ୍କ ଆଖି ବି ଧୋକା ଖାଇପାରେ। କିନ୍ତୁ ଯାହାର ଗୋଟିଏ କାମୁଡ଼ା ମଣିଷ ଜୀବନ ପାଇଁ ସାଜୁଛି କାଳ। ଅନୁଗୁଳ (ପୃଷ୍ଠା ୭ରେ)

## ପୁଣି ସୃଷ୍ଟି ହେଲା ଲଘୁଚାପ : ଆସନ୍ତା ୪ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୯।୮

ନ୍ୟୁଜ୍ ବ୍ୟୁରୋ

ସୃଷ୍ଟି ହେଲା ଲଘୁଚାପ। ଆସୁଛି ବଡ଼ ବର୍ଷା।। ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉପକୂଳରେ ସକ୍ରିୟ ରହିଛି ଲଘୁଚାପ କ୍ଷେତ୍ର। ଏହା ଆଗାମୀ ୪୮ ଘଣ୍ଟା ଯାଏଁ ପଶ୍ଚିମ ଉତ୍ତର ପଶ୍ଚିମ ଦିଗରେ ଗତିକରି ଉତ୍ତର ଓଡିଶା-ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଦେଇ ଗତି କରିବ। ଏହାର ପ୍ରଭାବରେ ସାରା ରାଜ୍ୟକୁ ଝଡ଼ବର୍ଷା ଆଲର୍ଟ ଜାରି ହୋଇଛି। ବିଶେଷ କରି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ।



ରବିବାର ପାଇଁ ବିଭିନ୍ନ ଜିଲ୍ଲାକୁ ଭୀଷଣ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଦିଆଯାଇଛି। ରବିବାର ପାଇଁ ୩ ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଓ ୮ ଜିଲ୍ଲାକୁ ଜାରି ହୋଇଛି ଅରେଞ୍ଜ ୱାର୍ଣ୍ଣିଂ। ବାକି ୧୯ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଦେଇଛି। ଆସନ୍ତା ୨ ତାରିଖ ଯାଏଁ ଲଘୁଚାପ ପ୍ରଭାବର ଜାରି ରହିବ ବର୍ଷା ପବନ।





# ନୂଆ କୋଠାରେ ଝୁଲୁଛି ତାଲା:ଅବକାରୀ ଥାନା କାର୍ଯ୍ୟକ୍ଷମ ହେବ କେବେ ?

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବର୍ଷେ ହେଲାଣି ନୂଆ କୋଠାରେ ଝୁଲୁଛି ତାଲା। ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକ ସଦର ତହସିଲ ଅଫିସ ନିକଟରେ ଅବକାରୀ ଥାନା ପାଇଁ ନିର୍ମାଣ ହୋଇଥିବା ନୂତନ କୋଠା ଦୀର୍ଘଦିନ ହେଲା କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। ପ୍ରାୟ ବର୍ଷେ ତଳେ କୋଠା ନିର୍ମାଣ ଶେଷ ହୋଇଥିବା ବେଳେ ଏହାର ପାଚେରୀ, ପାଣି ଓ ବିଦ୍ୟୁତ୍ ବ୍ୟବସ୍ଥା ସହ ରଙ୍ଗମରା କାମ ମଧ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ତଥାପି ଥାନା କାର୍ଯ୍ୟକ୍ଷମ ହୋଇନଥିବାରୁ ନୂଆ କୋଠାର ମୁଖ୍ୟ ଫାଟକରେ ଏବେ ବି ବଡ଼ ତାଲା ଝୁଲୁଛି। କୋଲାବିରା ବ୍ଲକ ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ମଦ କାରବାର ନେଇ ଅଭିଯୋଗ ହୋଇଆସୁଛି। ବିଭିନ୍ନ ଢାବା ଓ ହୋଟେଲରେ ଖୋଲାଖୋଲି ଭାବେ ମଦ ବିକ୍ରି ହେଉଥିବା ସହ ଅନେକ ସ୍ଥାନରେ କୁଚିଆ ମଦ ବେପାର ଚାଲୁଥିବା ଅଭିଯୋଗ ରହିଛି। ଏହାଛଡ଼ା ଜଙ୍ଗଲ ଅଞ୍ଚଳର ବିଭିନ୍ନ ଗାଁରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ମଧ୍ୟ ଚାଲିଥିବା ନେଇ ଅଭିଯୋଗ ହେଉଛି। ଏପରି ପରିସ୍ଥିତିରେ କୋଲାବିରାରେ ଅବକାରୀ ଥାନା ଶୀଘ୍ର କାର୍ଯ୍ୟକ୍ଷମ କରାଗଲେ ଅଞ୍ଚଳରେ ବେଆଇନ ମଦ ଓ ନିଶା କାରବାର ଉପରେ ଅଧିକ ପ୍ରଭାବଶାଳୀ ଭାବେ ଅଙ୍କୁଶ ଲଗାଯାଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ନିର୍ମାଣ ସରି ଭିତିଭୂମି ପ୍ରସ୍ତୁତ ଥିବା ସତ୍ତ୍ୱେ ଥାନା କାର୍ଯ୍ୟକ୍ଷମ ନ ହେବାକୁ ନେଇ ବୁଦ୍ଧିଜୀବୀ ମହଲରେ ମଧ୍ୟ ପ୍ରଶ୍ନ ଉଠିଛି। ଅବକାରୀ ବିଭାଗ ପକ୍ଷରୁ ନୂତନ ଥାନା କେବେଠାରୁ କାର୍ଯ୍ୟକ୍ଷମ ହେବ ଏବଂ ଏଥିପାଇଁ କେଉଁ ପ୍ରକ୍ରିୟା ବାକି ରହିଛି, ସେନେଇ ବିଭାଗୀୟ କର୍ତ୍ତୃପକ୍ଷ ସ୍ପଷ୍ଟ ସୂଚନା ଦେବା ସହ ଶୀଘ୍ର ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଯାଜପୁର ଜିଲ୍ଲା ବନ୍ୟା ପରିସ୍ଥିତି : ରିଲିଫ ଓ ଉଦ୍ଧାରକାର୍ଯ୍ୟ ସମୀକ୍ଷା

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ନେଇ ଜିଲ୍ଲାପାଳ ଅମ୍ବର କୁମାର କର ବରିଷ୍ଠ ଅଧିକାରୀ, ବିଡ଼ିଓ, ତହସିଲଦାରଙ୍କ ସହ ଆଭାସୀ ବୈଠକରେ ସମୀକ୍ଷା କରିଥିଲେ। ବୈତରଣୀ ଓ କାଣୀ, ବ୍ରାହ୍ମଣୀ ନଦୀର ଘାଇ ଯୋଗୁ ଜିଲ୍ଲାର ୧୦ଟି ବ୍ଲକ, ୧୨୩ଟି ଗ୍ରାମ ପଞ୍ଚାୟତ ଓ ୪୦୫ଟି ଗାଁ ଜଳମଗ୍ନ ହୋଇଛି। ଏହାଦ୍ୱାରା ପ୍ରାୟ ୪,୩୪,୬୩୨ ଜଣ ଜନସାଧାରଣ ପ୍ରଭାବିତ ହୋଇଥିବା ବେଳେ ୯୯,୭୫୭ ଜଣ ଲୋକ ବନ୍ୟା ପାଣି ଘେରରେ ରହିଛନ୍ତି। ବିଶେଷ କରି ଦଶରଥପୁର ବ୍ଲକର ତରପଦା ପଞ୍ଚାୟତର ପାଟଣା ଗ୍ରାମ ନିକଟରେ କାଣୀ ନଦୀର ଦକ୍ଷିଣ ଘାଇ ଏବଂ ବିଞ୍ଝାରପୁର ବ୍ଲକର ଜରୀ ପଞ୍ଚାୟତର ନଉବାଙ୍କ ଗ୍ରାମ ନିକଟରେ ବୈତରଣୀ ନଦୀର ଘାଇ ଦେଇ ବନ୍ୟା ଜଳ ପ୍ରବାହିତ ହେଉଛି। ବନ୍ୟା ପରିସ୍ଥିତିର ମୁକାବିଲା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଦ୍ରୁତଗାମୀ କରିବା ପାଇଁ ସମସ୍ତ ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ ଙ୍କୁ ନେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧକ୍ଷତାରେ ଦଶରଥପୁର ବ୍ଲକ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଣ,ରିଲିଫ୍ ସାମଗ୍ରୀ, ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା, ପଶୁଖାଦ୍ୟ ଯୋଗାଣ,ସମ୍ପର୍କରେ ସମୀକ୍ଷା ହୋଇଥିଲା।ପ୍ରଶାସନ ପକ୍ଷରୁ ବନ୍ୟାଞ୍ଚଳରେ ଉଦ୍ଧାର ଓ ଆଶ୍ରୟ କାର୍ଯ୍ୟ ସ୍ୱାଭାବିକ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧,୩୧,୪୯୪ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୩୬୮ଟି ଆଶ୍ରୟସ୍ଥଳୀରେ ରଖାଯାଇଛି। ବନ୍ୟା ପୀଡ଼ିତଙ୍କ ପାଇଁ ୩୬୩ଟି ରନ୍ଧାଖାଦ୍ୟ କେନ୍ଦ୍ର ଜରିଆରେ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି। ଉଦ୍ଧାର କାର୍ଯ୍ୟରେ ୩ଟି ଓଡ୍ରାଫ୍, ୨ଟି ଏନ.ଡି.ଆ.ଏଫ୍ ୧୨ଟି ଅଗ୍ନିଶମ ବାହିନୀ ଓ ୧୨ଟି ପୋଲିସ/ସିଭିଲ ଡିଫେନ୍ସ ଟିମ୍ ନିୟୋଜିତ ଅଛନ୍ତି। ୧୪ଟି ଡଙ୍ଗା ମାଧ୍ୟମରେ ୩୭୮ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ଏବଂ ୩୮ ଜଣ ଜରୁରୀକାଳୀନ ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୨ଟି ସ୍ୱାସ୍ଥ୍ୟ ଟିମ୍ ୧୮ଟି ମେଡିକାଲ କ୍ୟାମ୍ପ ଜରିଆରେ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି। ଜଳବାହିତ ରୋଗ ବ୍ୟାପିବା ରୋକିବା ପାଇଁ ନଳକୂପକୁ ବିଶୋଧନ କରାଯାଇଛି। ଏହି ବନ୍ୟା ଫଳରେ ଜିଲ୍ଲାର ପ୍ରାଣୀସମ୍ପଦ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇବା ପରେ ଭଙ୍ଗା ଘାଇ ଗୁଡ଼ିକର ସ୍ଥାୟୀ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଯାଜପୁର ସର୍କଲର ପ୍ରଥମ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଧବଳଗିରିସ୍ଥ ରାଜ୍ୟ ଦ୍ରବ୍ୟ ଓ ସେବାକର ତରଫରୁ ଅନୁଷ୍ଠିତ ହୋଇଥିବା ବୈଠକରେ ଯାଜପୁର ଜିଲ୍ଲା ଟିକସ ଓକିଲ ସଂଘ ଦିଆଯାଇ ଥିବା ପୁର୍ବ ଦାବି ୧୫ ଦିନ ମଧ୍ୟରେ ପୂରଣ ନ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ସଂଘର ସଭାପତି ବିବେକାନନ୍ଦ ମହାନ୍ତି ଚଳିତ ଆର୍ଥିକ ବର୍ଷର ପ୍ରଥମ ସର୍କଲ ଲେବଲ ପରାମର୍ଶଦାତା କମିଟି ବୈଠକ ରେ ଯୋଗ ଦେଇ ପୁର୍ବ ମିଟିଂରେ ଥିବା ବରିଷ୍ଠ ଅଧିକାରୀ ଦେଇଥିବା ପ୍ରତିଶ୍ରୁତି କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ। ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ଭଳି ପନ୍ଦର ଦିନ ମଧ୍ୟରେ ରେ ସବୁ ସମସ୍ୟା ସମାଧାନ ହେବାକୁ ଥିବା ତିନିମାସରୁ ଉର୍ଦ୍ଧ୍ୱ ହେଲେବେ ଏ ପର୍ଯ୍ୟନ୍ତ କାର୍ଯ୍ୟକାରି ନ ହେବାରୁ କ୍ଷୋଭ ପ୍ରକାଶ କରିଥିଲେ। ବାର୍ଷିକ ଦୁଇ ହଜାର କୋଟିରୁ ଉର୍ଦ୍ଧ୍ୱ ଆଦାୟ କରୁଥିବା କାର୍ଯ୍ୟଳୟ ଅତ୍ୟନ୍ତ ଦୟନୀୟ ଓ ବିପର୍ଯ୍ୟସ୍ତ ହେଇଥିବାରୁ ନୂତନ କାର୍ଯ୍ୟାଳୟର ଆବଶ୍ୟକତାକୁ ଦେଖି ଦାବୀ ମୁତାବକ ପାଣିକୋଇଲି ପୂର୍ତ୍ତବିଭାଗକୁ ଦାୟିତ୍ୱ ଦିଆଗଲା। ପୂର୍ତ୍ତବିଭାଗ ବି ଟେଣ୍ଡର କରି ଠିକାଦାରଙ୍କୁ ଛ ମାସରୁ ଉର୍ଦ୍ଧ୍ୱ କାର୍ଯ୍ୟାଦେଶ ଏବଂ ଚୁକ୍ତି ପ୍ରଦାନ କରି ଦେଇ ହାତ ଗୋଡ଼ ବାନ୍ଧି ବସିଛନ୍ତି। ବିଭାଗୀୟ ଅଧିକାରୀ ବି ଅଧୁରା କାର୍ଯ୍ୟ ଆରମ୍ଭର ଅସହାୟତା ପ୍ରକାଶ କରିଛନ୍ତି। ଏପରି ସ୍ଥିତିରେ ସଂଘ ଟିକସ ଆଦାୟ ପରିଚାଳନାରେ ଅସହଯୋଗ ସହିତ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବେ ବୋଲି ସଭାପତି ମହାନ୍ତି ଦୁଃଖ ର ସହିତ କହିଥିଲେ। ଏଥିସହିତ ରାଜ୍ୟ ଦ୍ରବ୍ୟ ଓ ସେବା କର ର ମୁଖ୍ୟ କମିଶନର ଯାମିନୀ ଷଡଙ୍ଗୀଙ୍କୁ ୧୫ ଦିନିଆ ଦାବୀ ତଥା ନୋଟିସ ଯୁଗ୍ମ କମିଶନର ବିଶ୍ୱାଳଙ୍କ ମାଧ୍ୟମ ରେ ସଂଘ ତରଫରୁ ଦାବୀ ପତ୍ର ପ୍ରଦାନ କରାଯାଇଛି। ସଭପତି ବିବେକାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ସଂଘର ଉପସଭାପତି ସସ୍ମିତା ସ୍ୱାଇଁ, ସମ୍ପାଦକ ଧନେଶ୍ୱର ବାରିକ୍, କୋଷାଧକ୍ଷ ଅକ୍ଷୟ କୁମାର ବାରିକ୍, ବରିଷ୍ଠ ସଦସ୍ୟ ଜିତେନ୍ଦ୍ର କୁମାର ଦାସ, ରାମାକାନ୍ତ ନନ୍ଦ, ଚିତ୍ତ ରଞ୍ଜନ ମହାନ୍ତି, ରାଜେନ୍ଦ୍ର କୁମାର, ଧୀର ସାମନ୍ତ, ବିଦ୍ୟାଧର ମହାନ୍ତି, ପ୍ରବୀର କୁମାର ରାଉତ, ଧର୍ମରଞ୍ଜନ ପତି, ଦୀପ୍ତିକାନ୍ତ ବାରିକ୍, ଶିବାନନ୍ଦ ଦାସ, କିଶୋର ଦାସ, ଚାଟାର୍ଡ ଆକାଉଣ୍ଟାଣ୍ଟ ଦେବକାନ୍ତ ବଳ, ବୀରଭଦ୍ର ସାହୁ, ରୋହ୍ନକ ଅଗ୍ରୱାଲ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ନିଜସ୍ୱ ସମ୍ମିଳନୀ ଗୃହ ରେ ଅନୁଷ୍ଠିତ ହୋଇ ଥିବା ଉକ୍ତ ବୈଠକ ରେ ଯାଜପୁର ରେଞ୍ଜର ଭାରପ୍ରାପ୍ତ ଆଡିସନାଲ କମିଶନର ମୁକ୍ତି ରଞ୍ଜନ ଆଚାର୍ଯ୍ୟ ଅଧକ୍ଷତା କରି ଉପସ୍ଥିତ ସଭ୍ୟଙ୍କୁ ସ୍ୱାଗତ କରିଥିଲେ। ଯାଜପୁର ସର୍କଲର ମୁଖ୍ୟ ଜଏଣ୍ଟ କମିଶନର ଲାଲ୍ ବାହାଦୂର ବିଶ୍ୱାଳ ଜିଏସଟିର ବିଭିନ୍ନ ନୂତନ ସଂଶୋଧନକୁ ସଭାରେ ଉତଥାପନ କରିଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗ ଆଲୋଚନା ସହିତ ବିଶେଷ କରି ଖାଲି ଥିବା ଏବଂ ଭାରପ୍ରାପ୍ତ ରେ ଚାଲିଥିବା ଏଡିସନଲ କମିଶନର ପଦକୁ ତୁରନ୍ତ ରେଗୁଲାର ପୋଷ୍ଟିଂ କରାଇବା, ଆଡିସନାଲ କମିଶନର ଆପିଲ ପୋଷ୍ଟକୁ ତୁରନ୍ତ ପୂରଣ କରିବା, ବିପଦ ପୂର୍ଣ୍ଣ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ନୂତନ ସର୍କଲ ଅଫିସର ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା, ଦଶ ବର୍ଷରୁ ଉର୍ଦ୍ଧ୍ୱ ଟିକସ ଦାତାମାନଙ୍କର ବ୍ୟବସାୟ ପଞ୍ଜୀକରଣ ବେଳେ ଥିବା ସିକ୍ୟୁରିଟିକୁ ତୁରନ୍ତ ଫେରସ୍ତ ସହିତ ଜିଏଷ୍ଟିର କାର୍ଯ୍ୟ ପ୍ରଣାଳୀକୁ ସରଳି କରଣ କରିବାକୁ ପ୍ରସ୍ତାବ ସହିତ ସଭ୍ୟମାନେ ଦୃଢ଼ ଦାବୀ ରଖିଥିଲେ । ବୈଠକରେ ଯାଜପୁରର ଟିକସ ଓକିଲଙ୍କ ସହିତ, ବିଭିନ୍ନ ଯାଜପୁର ରୋଡ଼, ଯାଜପୁର ଟାଉନ୍, ଜାରକାର ଅଧିକାରୀ ଗଣ, ବ୍ୟବସାୟୀ ସଂଗଠନର ପ୍ରତିନିଧି ସମ୍ପାଦକ ସଦାଶିବ ଦାଶ, ଡାବୁ ମସ୍କରା, ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ସହିତ ଶତାଧିକ ବିଭିନ୍ନ ବ୍ୟବସାୟ, କଳ କାରଖାନାଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେଏବଂ ନିୟମିତ ଭାବେ ଟିକସ ସଚେତନତା କାର୍ଯ୍ୟକ୍ରମ, ସେମିନାର ଓ କର୍ମଶାଳା କରିବାକୁ ଆଶା ପୋଷଣ କରିଥିଲେ ।

# ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଉପରେ ଗୁରୁତ୍ୱାରୋପ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଉମରକୋଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ଉମରକୋଟ ବାର ଆସୋସିଏସନ ହଲରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ନ୍ୟାୟିକ ବ୍ୟବସ୍ଥାରେ ହେଉଥିବା ନୂତନ ପରିବର୍ତ୍ତନ, ଆଧୁନିକ ପ୍ରଯୁକ୍ତି ଏବଂ ଡିଜିଟାଲ ନ୍ୟାୟିକ ସେବା ସମ୍ପର୍କରେ ଆଇନଜୀବୀମାନଙ୍କୁ ଅବଗତ କରାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୁନିତା ପଟ୍ଟନାୟକ, ବରିଷ୍ଠ ସିଭିଲ ଜଜ୍ ଚିନ୍ମୟ କୁମାର ପାଢ଼ୀ ଏବଂ ଜେଏମଏଫସି ଇପ୍ସିତା ଭୋଇ ଅତିଥି ଭାବେ ଯୋଗଦେଇ ଆଇନଜୀବୀମାନଙ୍କ ସହ ବିଭିନ୍ନ ନ୍ୟାୟିକ ବିଷୟରେ ଆଲୋଚନା କରିଥିଲେ। ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତ୍ତାର ବଢୁଥିବା ବ୍ୟବହାର ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି 'ସୁଭାଷ ଇଓ' ଆପ୍ଲିକେସନ ମାଧ୍ୟମରେ ଆଞ୍ଚଳିକ ଭାଷାରେ ଅଦାଲତଙ୍କ ରାୟ ବୁଝିବାର ସୁବିଧା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହିତ 'ହାଇବ୍ରିଡ୍ କେସ୍ ମ୍ୟାନେଜମେଣ୍ଟ ମେଥଡ୍' ମାଧ୍ୟମରେ ମାମଲା ଓ ବିଭିନ୍ନ ରେକର୍ଡ ସମ୍ପର୍କିତ ତଥ୍ୟ ପାଇବାର ସୁବିଧା ନେଇ ଆଲୋଚନା କରାଯାଇଥିଲା। କାଗଜବିହୀନ ଅଦାଲତ ବ୍ୟବସ୍ଥାର ବିଭିନ୍ନ ଡିଜିଟାଲ ପଦକ୍ଷେପର ଉପକାରିତା ସମ୍ପର୍କରେ ଆଇନଜୀବୀମାନଙ୍କୁ ଅବଗତ କରାଯାଇଥିଲା। ବରିଷ୍ଠ ସିଭିଲ ଜଜ୍ ଚିନ୍ମୟ କୁମାର ପାଢ଼ୀ ଡିଜିଟାଇଜେସନ, ମଧ୍ୟସ୍ଥତା, ଭିଡିଓ କନଫରେନ୍ସିଂ, ପୋର୍ଟେବଲ ଭିଡିଓ କନଫରେନ୍ସିଂ ଏବଂ ବ୍ୟବହାରିକ ଦିଗ ସମ୍ପର୍କରେ ବୁଝାଇଥିଲେ। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୁନିତା ପଟ୍ଟନାୟକ ଆଇନଜୀବୀମାନଙ୍କ ପ୍ରଶ୍ନର ଉତ୍ତର ଦେବା ସହ ବିଭିନ୍ନ ଆଇନଗତ ବିଷୟରେ ସେମାନଙ୍କ ସନ୍ଦେହ ଦୂର କରିଥିଲେ। କାର୍ଯ୍ୟକ୍ରମରେ ବାର ଆସୋସିଏସନ ସଭାପତି ଅରୁଣ ପଟ୍ଟନାୟକ, ସମ୍ପାଦକ କୃଷ୍ଣଚନ୍ଦ୍ର ନନ୍ଦ, ସରକାରୀ ଆଇନଜୀବୀ ଅଶୋକ ପାଢ଼ୀ ଓ ଶ୍ରୀକୃଷ୍ଣ ରାୟ, ବରିଷ୍ଠ ଆଇନଜୀବୀ ଝାଡେଶ୍ୱର ମହାନ୍ତି, ଶ୍ରୀନିବାସ ପଟ୍ଟନାୟକ, ଶାନ୍ତନୁ ବାହିନୀପତି, କୃଷ୍ଣ ପ୍ରସାଦ ପଟ୍ଟନାୟକ, ବିଜୟ କେତନ ସିଂହ, ରବି ପଟ୍ଟନାୟକ, ଯୋଗେନ୍ଦ୍ର ମାଝୀ, କମଳ ଗେନ୍ ପ୍ରମୁଖଙ୍କ ସମେତ ମହିଳା ଆଇନଜୀବୀ ଭାବନା ତ୍ରିପାଠୀ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଓ ନିବେଦିତା ହାଲଦାରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଏହି ଶିବିର ମାଧ୍ୟମରେ ଆଇନଜୀବୀମାନେ ନ୍ୟାୟିକ ବ୍ୟବସ୍ଥାରେ ନୂତନ ଡିଜିଟାଲ ପ୍ରଯୁକ୍ତିର ବ୍ୟବହାର ଏବଂ ଏହା ଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଅଧିକ ସହଜ, ସ୍ୱଚ୍ଛ ଓ ଦକ୍ଷ କରିବାର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ ହୋଇଥିଲେ।




# ଭୁଶୁଡ଼ିଗଲାଣି ଟ୍ରାଫିକ୍ ବ୍ୟବସ୍ଥା କନ୍ଦାଉଛି ଅସଜଡ଼ା ଭିତ୍ତିଭୂମି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବଭଳି ଆଉ ଟ୍ରାଫିକ୍ ଛକଗୁଡ଼ିକରେ ଗାଡ଼ି ଭିଡ଼ ହେବନି। ଲୋକେ ବେଶି ସମୟ ଟ୍ରାଫିକ୍‌ରେ ଅଟକିବେ ନାହିଁ। ଆମ୍ବୁଲାନ୍ସ ସମେତ ଜରୁରୀକାଳୀନ ସେବା ଯୋଗାଉଥିବା ଯାନବାହାନ ପାଇଁ ରାସ୍ତାର ବାମପାର୍ଶ୍ୱ ଅବରୋଧମୁକ୍ତ ରହିବ। ଫଳରେ ଟ୍ରାଫିକ୍ ପରିଚାଳନା ସହଜ ହେବ। ଏଭଳି ସୁନେଲି ସ୍ୱପ୍ନ ଦେଖାଇ ଟ୍ରାଫିକ୍ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରାଗଲା। ଏଥିପାଇଁ ଭୁବନେଶ୍ୱରର ପ୍ରାୟ ୪୦ଟି ଛକରେ ରାସ୍ତାର ବାମପାର୍ଶ୍ୱରେ ବୋଲାର୍ଡ ଲାଗିଥିଲା। ଟ୍ରାଫିକ୍‌କୁ ସ୍ମାର୍ଟ କରିବା ଲାଗି ପ୍ରସ୍ତାବ ଦିଆଗଲା, କାର୍ଯ୍ୟକାରୀ ବି ହେଲା। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟରେ ଟ୍ରାଫିକ୍ ପୋଷ୍ଟଠାରୁ ଆରମ୍ଭ କରି ସିଗ୍‌ନାଲ ପର୍ଯ୍ୟନ୍ତ ଭିତ୍ତିଭୂମିରେ ନବୀକରଣ ହେଲା। ମାନୁଆଲ୍ ଟ୍ରାଫିକ୍‌କୁ ହଟାଇ ପାଖାପାଖି ୫୦ଟି ଟ୍ରାଫିକ୍ ପୋଷ୍ଟରେ ସ୍ୱୟଂଚାଳିତ ସିଗ୍‌ନାଲ ବ୍ୟବସ୍ଥା ଲାଗୁ କରାଗଲା। ହେଲେ ଏତେ ସବୁ ଯୋଜନା ଏବେ ଏକ ପ୍ରହସନରେ ପରିଣତ ହୋଇଛି। କେଉଁଠି ସିଗ୍‌ନାଲ୍ କାମ କରୁନି ତ କେଉଁଠି ବୋଲାର୍ଡ ଭାଙ୍ଗି ରାସ୍ତାରେ ମିଶିଗଲାଣି। କେଉଁଠି ସିସି କ୍ୟାମେରା କାମ କରୁନି। ଅସଜଡ଼ା ଭିତ୍ତିଭୂମି ପାଇଁ ଲୋକେ ଟ୍ରାଫିକ୍ ଭିଡ଼ରେ ରୀତିମତ କଲବଲ ହେଉଛନ୍ତି। ଏମିତିକି ଆମ୍ବୁଲାନ୍ସ, ଦମକଳ ଭଳି ଜରୁରୀକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି। ଉଦ୍‌ବେଗର ବିଷୟ, ନିଜ ତ୍ରୁଟି ଲୁଚାଇବାକୁ ଯାଇ କମିସନରେଟ୍ ପୁଲିସ ଓ ବିଏସ୍‌ସିଏଲ୍ ପରସ୍ପର ଦୋଷ ଲଦାଲଦି ହେଉଛନ୍ତି।

ଏବେ ଗୋଟିଏ ଟ୍ରାଫିକ୍ ଛକକୁ ଅତିକ୍ରମ କରିବାକୁ ହେଲେ ଲୋକଙ୍କୁ ଅତିକମ୍‌ରେ ତିନି ତିନି ଥର ଅପେକ୍ଷା କରିବାକୁ ପଡୁଛି। ଟ୍ରାଫିକ୍‌ରେ ଅଟକି ଥିବା ଗାଡ଼ି ଷ୍ଟାର୍ଟ କରୁ କରୁ ସବୁଜ ବତି ନାଲି ହୋଇଯାଉଛି। ପାଦେ ଆଗେଇବା ପରେ ପୁଣି ଗାଡ଼ି ଷ୍ଟାର୍ଟ ବନ୍ଦ କରି ଟ୍ରାଫିକ୍‌ରେ ଅପେକ୍ଷା କରିବାକୁ ପଡୁଛି। ରାଜଧାନୀର ଜନପଥରେ ଥିବା ଆଇଡିବିଆଇ ଛକଠାରୁ ଆରମ୍ଭ କରି ବିଗ୍‌ବଜାର ଟ୍ରାଫିକ୍, ରାମମନ୍ଦିର, ଶ୍ରୀୟା, ମାଷ୍ଟରକ୍ୟାଣ୍ଟିନ ଛକ ସବୁଠି ଏଭଳି ସ୍ଥିତି। ସେହିପରି ସିଆରପିରୁ ନେଇ ଷ୍ଟିୱାର୍ଟ ସ୍କୁଲ ଛକ, ଡିଏଭି, ପାୱାରହାଉସ୍, ଦ ୱାଲର୍ଡ, ଡମଣା, ପଟିଆ, ବିଗ୍‌ବଜାରଛକ ପର୍ଯ୍ୟନ୍ତ ସବୁଠି ସମାନ ଅବସ୍ଥା। ଟ୍ରାଫିକ୍ ପୋଷ୍ଟ ଆସିଲେ କେମିତି ପାର ହେବେ ଚିନ୍ତାରେ ପଡୁଛନ୍ତି। ଅନେକ ଟ୍ରାଫିକ୍‌ରେ ଅଧମିନିଟ୍‌ରୁ କମ୍ ସମୟରେ ନୀଳରୁ ନାଲି ସିଗ୍‌ନାଲ୍ ପରିବର୍ତ୍ତନ ହେଉଛି। ଫଳରେ ଏହି ସମୟରେ ଜାଣି ନପାରି ଲୋକ ଟ୍ରାଫିକ୍ ଅତିକ୍ରମ ଯୋଗୁ କିଏ ନାଲି ଲାଇଟ୍ ପାଇଁ ତ କିଏ ଜେବ୍ରା କସିଂ ଅତିକ୍ରମ ପାଇଁ ତଣ୍ଡ ଗଣୁଛନ୍ତି।

## ଜାତୀୟ ପ୍ରତିଯୋଗିତାରେ ବ୍ରହ୍ମପୁର କରାଟେ ଏକାଡ଼େମୀକୁ ୧୨ ପଦକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଶାଖାପାଟଣା ରେ ଅନୁଷ୍ଠିତ ତୃତୀୟ ଭାରତୀୟ ଓପନ୍ ନ୍ୟାସନାଲ୍ ଚମ୍ପିଆନ୍‌ସିପ୍‌ରେ ବ୍ରହ୍ମପୁର କରାଟେ ଏକାଡ଼େମୀର ଆଠ ଜଣ ପଦକ ହାସଲ କରିଛନ୍ତି। ପ୍ରଶିକ୍ଷକ ତ୍ରିଲୋଚନ ବେହେରାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବୟସ ବର୍ଗରେ ପ୍ରତିଯୋଗୀମାନେ ୧୨ଟି ପଦକ ହାସଲ କରିଥିଲେ । ଏକକ କଳାତ୍ମକ ପ୍ରଦର୍ଶନ ରେ ସାନ୍‌ଭି ବ୍ରହ୍ମା, ସମ୍ଭବ ତ୍ରିପାଠୀ, ଅନନ୍ୟା ସରାଫ୍, ବି. ଆୟୁଷ ପାତ୍ର ଏବଂ ସିଦ୍ଧାର୍ଥ ପାଢ଼ୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କାବ୍ୟାଂଶ ତ୍ରିପାଠୀ ଓ ପ୍ରସିଦ୍ଧ ତ୍ରିପାଠୀ ରୌପ୍ୟ ପଦକ ପାଇଥିଲେ । ସେହିପରି ସିଦ୍ଧାର୍ଥକୁମାର ପାଢ଼ୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପାୟଲ ଦେଓରା ଓ ଅନ୍ୟାନ୍ୟ ସାରାଫ୍ ରୌପ୍ୟ ପଦକ ଏବଂ ପ୍ରସିଦ୍ଧ ତ୍ରିପାଠୀ ଓ ବି. ଆୟୁଷ କୁମାର ପାତ୍ର କାଂସ୍ୟ ପଦକ ପାଇଥିଲେ। ସଂଘର ଉପସଭାପତି ବିମଳେନ୍ଦୁ ସାହୁ ଓ ଯୁଗ୍ମ ସମ୍ପାଦକ ମନୋଜ କୁମାର ସାହୁ କୃତି ପ୍ରତିଯୋଗୀ ଓ ପ୍ରଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଜେଡି ଜିଲ୍ଲା ମହିଳା ଉପସଭାନେତ୍ରୀଙ୍କ ଇସ୍ତଫା

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବିଜେଡି ଜିଲ୍ଲା ମହିଳା ଉପସଭାନେତ୍ରୀ ମିନତୀ ପରିଡା ଦଳରେ ତାଙ୍କୁ ଅଣଦେଖା କରିବାରୁ ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନିକଟକୁ ପଠାଇଛନ୍ତି। ଶ୍ରୀମତୀ ପରିଡା ଦୀର୍ଘ ୨୪ ବର୍ଷ ଧରି ୨୦୦୨ ମସିହାରୁ ଦଳରେ ରହି ବିଭିନ୍ନ ପଦବୀ ଦାୟିତ୍ୱର ସହ ତୁଲାଇଥିଲେ। ସେ କେନ୍ଦ୍ରାପଡା ବ୍ଲକ ମହିଳା ସଭାନେତ୍ରୀ, ଜିଲ୍ଲା ମହିଳା ସାଧାରଣ ସମ୍ପାଦକ ସହ ବିଭିନ୍ନ ଦାୟିତ୍ୱ



ପଦବୀରେ ରହି ଦୀର୍ଘ ୨୪ ବର୍ଷ ଧରି ନିଷ୍ଠାପର ଭାବରେ ଦଳର ସେବା କରି ଆସୁଥିଲେ। ୨୦୨୪ ମସିହା ନିର୍ବାଚନ ପରେ ଦଳର ବରିଷ୍ଠ ନେତାମାନେ ତାଙ୍କୁ ଅଣଦେଖା କରାଯିବାରୁ ସେ ନିଜର ଆତ୍ମସମ୍ମାନ ଓ ଦୀର୍ଘଦିନର ଅନୁଭୂତିକୁ ବିଚାର କରି ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ୨୦୦୨ ମସିହାରୁ ଆଜି ପର୍ଯ୍ୟନ୍ତ ବିଜୁ ଜନତା ଦଳ ସହିତ ଯେଉଁ ସମ୍ପର୍କ ରହିଛି ତାହା ମୋ ଜୀବନର ଏକ ଅବସ୍ମରଣୀୟ ଅଧ୍ୟାୟ। ଦଳ ମୋତେ ଯେଉଁ ସୁଯୋଗ ଓ ଦାୟିତ୍ୱ ଦେଇଛି ସେଥିପାଇଁ ମୁଁ ସର୍ବଦା କୃତଜ୍ଞ ରହିବି ବୋଲି ପ୍ରକାଶ କରିଛନ୍ତି।

# ଆଠଗଡ଼ରେ ୧୩୨ ଅଭିଯୋଗ ହସ୍ତଗତ



**କଟକ, ନ୍ୟୁଜ୍ ବ୍ୟୁରୋ**

ଆଠଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୩୨ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୨୬ ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୬ଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଶୁଣାଣି ସ୍ଥଳରେ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ ନାୟକ, ଉପଜିଲ୍ଲାପାଳ ଆଠଗଡ ପ୍ରହଲ୍ଲାଦ ନାରାୟଣ ଶର୍ମା ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, ଆସନ୍ତା ଅଗଷ୍ଟ ୩୧ ତାରିଖରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ଦଶରଥପୁରରେ ୪୭ ଅଭିଯୋଗ ପଞ୍ଜିକୃତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୪୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୬ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୩ ଗୋଟି




ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୮ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଲମ୍ବୋଦର ଖୁଣ୍ଟିଆ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ନଗେନ୍ଦ୍ର ନାଥ ମହାପାତ୍ର, ଡେପୁଟି କଲେକ୍ଟର, ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦଶରଥପୁର, ଆକାଶ ପଟ୍ଟନାୟକ, ତହସିଲଦାର, ଦଶରଥପୁର, ଶୁଭ୍ରାଂଶୁ ସାହୁ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଚିତ୍ର ମଲ୍ଲିକ ଓ ସଂଯୁକ୍ତା ନାୟକଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା।

# ବ୍ରହ୍ମକୁମାରୀ ପକ୍ଷରୁ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ


**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କେନ୍ଦ୍ରାପଡା ତରଫରୁ ଜିଲ୍ଲା କାରାଗାରରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ବିଶ୍ୱବିଦ୍ୟାଳୟ ତରଫରୁ ଦୁଇଶହରୁ ଉର୍ଦ୍ଧ୍ୱ ଅନ୍ତେବାସୀମାନଙ୍କୁ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ର.କୁମାରୀ ସ୍ନେହଙ୍କ ସହ ପ୍ରଜ୍ଞା, ପୁଷ୍ପା, ସଚଳା ପ୍ରମୁଖ ଅନ୍ତେବାସୀମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏଥିସହିତ ଅନ୍ତେବାସୀମାନଙ୍କୁ ନିଶାମୁକ୍ତ ହେବାପାଇଁ ପ୍ରତିଜ୍ଞା କରାଇଥିଲେ।

# ଉଲୁଣ୍ଡାରେ ଯୁଗ୍ମ ଅଭିଯୋଗ ଶୁଣାଣି : ୪୨ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ କେ. କେ. ହରି ପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୪୨ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୨୯ଟି ବ୍ୟକ୍ତିଗତ ଓ ୧୩ଟି ସାମୁହିକ ଦରଖାସ୍ତ ଗ୍ରହଣ ହୋଇଥିଲା। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଉପ




ଜିଲ୍ଲାପାଳ, ବୀରମହାରାଜପୁର ସୁରେନ୍ଦ୍ର ମେହେର, ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ଡାକ୍ତର ଉଷାରାଣୀ ଦାଶ, ଉପଖଣ୍ଡ ପୋଲିସ (ଥାନା) ଅଧିକାରୀ, ବୀରମହାରାଜପୁର ହେମନ୍ତ ରାଓ ପ୍ରମୁଖ ମଞ୍ଚାସିନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା ଦିଲ୍ଲୀପ କୁମାର ବାରା ଦ୍ୱାରା ଆୟୋଜିତ ଏହି ଶିବିରରେ ତହସିଲଦାର ମମତା ମେହେର, ସହାୟକ କଲେକ୍ଟର ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପତିତପାବନ ମିଶ୍ରଙ୍କ ସମ୍ମାନରେ ଫେଲିସିଟେସନ୍ ଭଲ୍ୟୁମ୍ ଉନ୍ମୋଚିତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ସ୍ଥିତ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ପରିସରରେ ବିଶିଷ୍ଟ ଐତିହାସିକ ଓ ଶିକ୍ଷାବିତ୍ ପ୍ରଫେସର ପତିତପାବନ ମିଶ୍ରଙ୍କ ସମ୍ମାନରେ ପ୍ରସ୍ତୁତ ଫେଲିସିଟେସନ୍ ଭଲ୍ୟୁମ୍ ଆଜି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଏକ ସେମିନାର୍-କମ୍-ବୁକ୍ ରିଭ୍ୟୁ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏହି ଫେଲିସିଟେସନ୍ ଭଲ୍ୟୁମ୍‌କୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ମାନ୍ୟବର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଉନ୍ମୋଚନ କରିଥିଲେ। ଏହି ସ୍ମାରକ ଗ୍ରନ୍ଥଟିର ସମ୍ପାଦନା କରିଛନ୍ତି ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଡଃ.ସତ୍ୟନାରାୟଣ ନନ୍ଦ।ଏହି ପୁସ୍ତକରେ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱର ବିଭିନ୍ନ ଦିଗକୁ ନେଇ ମୋଟ ୩୨ଟି ଗବେଷଣାମୂଳକ ପ୍ରବନ୍ଧ ସ୍ଥାନ ପାଇଛି। ସେଥିମଧ୍ୟରୁ ୧୩ଟି ପ୍ରବନ୍ଧ ବିଦେଶର ବିଭିନ୍ନ ବିଦ୍ୱାନଙ୍କ ଦ୍ୱାରା ଏବଂ ୧୯ଟି ପ୍ରବନ୍ଧ ଭାରତର ବିଭିନ୍ନ ସ୍ଥାନର ଗବେଷକ ଓ ବିଦ୍ୱାନମାନଙ୍କ ଦ୍ୱାରା ଲିଖିତ ହୋଇଛି। ଏହା ପ୍ରଫେସର ପତିତ ପାବନ ମିଶ୍ରଙ୍କ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଥିବା ବ୍ୟାପକ ପ୍ରଭାବର ପ୍ରତିଫଳନ ବୋଲି ମତ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ତାଙ୍କ ଅଭିଭାଷଣରେ ଏଭଳି ଏକ ମୂଲ୍ୟବାନ ଶିକ୍ଷାମୂଳକ ଓ ଗବେଷଣାଧର୍ମୀ ଗ୍ରନ୍ଥ ପ୍ରକାଶ ପାଇଁ ଆୟୋଜକମାନଙ୍କୁ ପ୍ରଶଂସା କରିବା ସହ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ଅଧ୍ୟୟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡଃ.ବିଶ୍ୱଜିତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯାହାଙ୍କ ସମ୍ମାନରେ ଏହି ଫେଲିସିଟେସନ୍ ଭଲ୍ୟୁମ୍ ପ୍ରସ୍ତୁତ ହୋଇଛି, ସେହି ପ୍ରଫେସର ପତିତ ପାବନ ମିଶ୍ର ମଧ୍ୟ ଉପସ୍ଥିତ ରହି ଏହି ଶିକ୍ଷାମୂଳକ ଆୟୋଜନକୁ ଗୌରବାନ୍ୱିତ କରିଥିଲେ। କାର୍ଯ୍ୟକ୍ରମରେ ଡଃ.ସଂଘମିତ୍ରା ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ମଧୁସ୍ମିତା ନନ୍ଦ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡାମଧ୍ୟ ତାଙ୍କ ଅଭିଭାଷଣରେ ଏହି ଗୌରବମୟ ଆୟୋଜନର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଶିକ୍ଷାବିତ୍, ଗବେଷକ, ବିଦ୍ୱାନ,




ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଆୟୋଜନ ପ୍ରଫେସର ପତିତପାବନ ମିଶ୍ରଙ୍କ ଶିକ୍ଷା, ଗବେଷଣା ଓ ଐତିହାସିକ ଚିନ୍ତନ ପ୍ରତି ଏକ ମହତ୍ତ୍ୱପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଭାବେ ପରିଗଣିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରାଧାପିକା ମୌସୁମୀ ଲିଜା ନାଏକ ସଂଯୋଜନା କରିଥିବା ବେଳେ ଡଃ. ଗାୟତ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସାହପୂର୍ଣ୍ଣ ଓ ଗବେଷଣାଧର୍ମୀ ପରିବେଶରେ ଏହି ସ୍ମରଣୀୟ ଶିକ୍ଷାମୂଳକ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିଲା।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଉଜବେକିସ୍ତାନରେ ମୋଦୀଙ୍କ ବଡ଼ ମିଶନ୍

ମଧ୍ୟ ଏସିଆ ଆଞ୍ଚଳିକ ରାଜନୀତି ଓ କୂଟନୀତିରେ ଭାରତ ଏକ ପଟ୍ଟପରିବର୍ତ୍ତନର ପଦକ୍ଷେପ ନେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟ ୨୯ ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାରି ଦିନିଆ ଗସ୍ତରେ ମଧ୍ୟ ଏସିଆ ଗସ୍ତ କରି ଉଜବେକିସ୍ତାନ ଓ କିର୍ଗିଜସ୍ତାନ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ କେବଳ ଦ୍ୱିପାକ୍ଷିକ ସମ୍ପର୍କ ନୁହେଁ, ବରଂ ସମଗ୍ର ସେଣ୍ଟ୍ରାଲ ଏସିଆ ସହିତ ଭାରତର ରଣନୀତିକ ଏବଂ ଆର୍ଥିକ ସମୀକରଣକୁ ଏକ ନୂଆ ଦିଗ ଦେବ । ଉଜବେକିସ୍ତାନ ରାଷ୍ଟ୍ରପତି ଶବକାତ ମିର୍ଜିୟୋୟେଭଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ମୋଦୀ ତାସକେନ୍ତରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ଭାବେ ଉଜବେକିସ୍ତାନକୁ ଏହା ମୋଦୀଙ୍କ ଚତୁର୍ଥ ଗସ୍ତ । ଏହି ଦୁଇ ଦିନିଆ ଉଜବେକିସ୍ତାନ ଗସ୍ତ କାଳରେ ଦୁଇ ନେତାଙ୍କ ମଧ୍ୟରେ ଉଚ୍ଚସ୍ତରୀୟ ଏବଂ ପ୍ରତିନିଧିମଣ୍ଡଳୀ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ଭାରତର 'ବିକଶିତ ଭାରତ ୨୦୪୭' ଏବଂ ଉଜବେକିସ୍ତାନର 'ଉଜବେକିସ୍ତାନ-୨୦୩୦' ରୋଡମ୍ୟାପକୁ ସମନ୍ୱିତ କରି ଆଗାମୀ ଦିନର କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯିବ । ଉଜବେକିସ୍ତାନରେ ଭାରତର ରାଷ୍ଟ୍ରଦୂତ ସ୍ମିତା ପନ୍ତଙ୍କ ସୂଚନା ଅନୁଯାୟୀ, ଏହି ଗସ୍ତ ଦୁଇ ଦେଶର ଭବିଷ୍ୟତ ରଣନୀତିକ ସହଭାଗିତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟ ଆଲୋଚନା ହେବାକୁ ଥିବା ପ୍ରସଙ୍ଗଗୁଡ଼ିକ ହେଲା: ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କକୁ ଆହୁରି ମଜବୁତ କରିବା । ମଧ୍ୟ ଏସିଆ ସହ ସିଧାସଳଖ ଯୋଗାଯୋଗ ବୃଦ୍ଧି ଏବଂ ପରିବହନ ବାଧା ଦୂର କରିବା । ଦୁର୍ଲଭ ମୃତ୍ତିକା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ କ୍ଷେତ୍ରରେ ମିଳିତ ସହଯୋଗ । ଆଞ୍ଚଳିକ ସୁରକ୍ଷା, ଆତଙ୍କବାଦ ନିରୋଧୀ ଅଭିଯାନ ଏବଂ ସୈନ୍ୟ ପ୍ରଶିକ୍ଷଣ । ଡିଜିଟାଲ୍ ସାଧାରଣ ଭିତ୍ତିଭୂମି, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ନବୀକରଣଯୋଗ୍ୟ ଶକ୍ତି । ଔଷଧ ନିର୍ମାଣ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭାରତୀୟ ସଂସ୍ଥାଗୁଡ଼ିକର ସମ୍ପ୍ରସାରଣ । ନିବେଶରେ ୭୦୦% ଏବଂ ବାଣିଜ୍ୟରେ ୩୦୦% ବୃଦ୍ଧି। ରାଷ୍ଟ୍ରଦୂତ ସ୍ମିତା ପନ୍ତ ବୈଦେଶିକ ସମ୍ପର୍କର ସଫଳତା ପ୍ରକାଶ କରି କହିଛନ୍ତି ଯେ, ୨୦୧୫ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଜବେକିସ୍ତାନ ଗସ୍ତ ପରଠାରୁ ଦୁଇ ଦେଶ ମଧ୍ୟରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି । ୨୦୧୫ ପରଠାରୁ ଦ୍ୱିପାକ୍ଷିକ ବ୍ୟବସାୟ କ୍ଷେତ୍ରରେ ୩୦୦% ବୃଦ୍ଧି, ପ୍ରତ୍ୟକ୍ଷ ବିନିଯୋଗ କ୍ଷେତ୍ରରେ ୭୦୦% ବୃଦ୍ଧି ଘଟିଛି । ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ମୋଦୀ ତାସକେନ୍ତସ୍ଥିତ ଲାଲବହାଦୁର ଶାସ୍ତ୍ରୀ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଏହା ସହିତ ତାସକେନ୍ତ ଷ୍ଟେଟ ୟୁନିଭରସିଟି ଅଫ୍ ଓରିଏଣ୍ଟାଲ ଷ୍ଟଡିଜରେ ଥିବା ମହାତ୍ମା ଗାନ୍ଧୀ ସେଣ୍ଟର ମଧ୍ୟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି, ଯାହା ଭାରତ ଓ ଉଜବେକିସ୍ତାନର ଶତାବ୍ଦୀ ପୁରୁଣା ସାଂସ୍କୃତିକ ସମ୍ପର୍କକୁ ଦର୍ଶାଉଛି । ଉଜବେକିସ୍ତାନରେ ଦ୍ୱିପାକ୍ଷିକ ଆଲୋଚନା ଶେଷ କରିବା ପରେ ପ୍ରଧାନମନ୍ତ୍ରୀ ମୋଦୀ କିର୍ଗିଜସ୍ତାନର ରାଜଧାନୀ ବିଶକେକ ଗସ୍ତ କରିବେ । ସେଠାରେ ସେ ୨୬ତମ ସାଂଘାଇ ସହଯୋଗ ସଂଗଠନ (SCO) ଶିଖର ସମ୍ମିଳନୀରେ ଯୋଗଦେବେ । ଏହି ସମ୍ମିଳନୀରେ ଭାରତ ନିଜର ଆଞ୍ଚଳିକ ସୁରକ୍ଷା, କନେକ୍ଟିଭିଟି ଏବଂ ଆର୍ଥିକ ପ୍ରଗତିର ଏଜେଣ୍ଡା ଉପସ୍ଥାପନ କରିବ ।

## ଭରତ ସାହୁ ପଦ୍ମ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବ୍ୟକ୍ତି

### ଆପଣଙ୍କ ମତାମତ



ମହାଶୟ,

ଗତ ୨୮ ତାରିଖରେ ବାହାରିଥିବା 'ଭରତ ଚନ୍ଦ୍ର ସାହୁ ମାନବ ସେବାର ଅଗ୍ରଦୂତ ଓ ଅଦ୍ୱିତୀୟ ପ୍ରତୀକ' ପଢ଼ିଲୁ। ଖୁବ୍ ଭଲ ଲାଗିଲା ଏଥିପାଇଁ ଯେ ଆପଣ ଜଣେ ବାସ୍ତବଧର୍ମୀ ସାମାଜିକ ପ୍ରେମୀଙ୍କ ସମ୍ପର୍କରେ ନିଛକ ଭାବରେ ଉପସ୍ଥାପନ କରିଛନ୍ତି। ବଣର ମଲ୍ଲୀ ବଣରେ ଫୁଟି ମଉଳିଯିବା ପୂର୍ବରୁ ଆପଣ ତାହାକୁ ଲୋକଲୋଚନକୁ ଆଣିଥିବାରୁ ସାର୍ବଜନୀନ ଭାବେ ଆମେ ସମସ୍ତେ ଗର୍ବିତ ଓ 'ସମ୍ବାଦ କଳିକା'କୁ ଏଥିପାଇଁ ଆନ୍ତରିକ କୃତଜ୍ଞତା ଜଣାଉଛୁ। ଏହା ପ୍ରକୃତରେ ଆଦର୍ଶ ଭାତୃଭାବ ମହୋତ୍ସବର ସ୍ମରଣୀୟ ଦିନଟିଏ।

ହସ୍ପିଟାଲ ଛକରେ ଆମ ସମୟର ପ୍ରାୟ ୨୫ ଜଣ ବନ୍ଧୁ ୮୦ ବର୍ଷୀୟ ଭରତ ବାବୁଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ଦେଲୁ । ଦିଲ୍ଲୀ ଖଦି ଭବନରୁ ଆସିଥିବା ନୂଆ ଧୋତି, ପଞ୍ଜାବୀ, ଉତ୍ତରୀୟ, ଗାମୁଛା ଆଉ ଜଗନ୍ନାଥଙ୍କ ମୂର୍ତ୍ତି ସହ ତାଙ୍କ ସ୍ତ୍ରୀଙ୍କ ପାଇଁ ଶାଢ଼ି ଉପହାର ସ୍ୱରୂପ ପ୍ରଦାନ କଲୁ।

ମୋ ବନ୍ଧୁ ଯେଉଁମାନେ ଭରତଙ୍କୁ ଦେଖିଛନ୍ତି ସେମାନଙ୍କ ମତରେ ୧୯୫୫ କ୍ୟାପିଟାଲ ହସ୍ପିଟାଲ ଆରମ୍ଭରୁ ଗୋଟେ ଛୋଟ ଚା' ଦୋକାନରୁ ବ୍ୟବସାୟ ଆରମ୍ଭ। ଭରତ ସାହୁ ଦୀର୍ଘ ୭୦- ବର୍ଷ ହେଲା ୨୪ଘଣ୍ଟିଆ ନିସ୍ୱାର୍ଥପର ସେବା ଯୋଗାଇ ଆସୁଛନ୍ତି। ଅନେକ ସମୟରେ ପଇସା ନ ଥିଲେ ବି ଗରିବ ରୋଗୀ ଏବଂ ସେମାନଙ୍କ ସହଯୋଗୀଙ୍କୁ ଖାଇବାକୁ ଦେବା ହେଉ ବା ମେଡିସିନ ଟିକେ କିଣିକି ଦେବା ... ଏମିତିକି କିଛି କ୍ଷେତ୍ରରେ ଶବ ବୁହା ଗାଡିକୁ ପଇସା ଦେବା, ଡାକ୍ତର ଭାଉ ଦେଖେଇଲା ବେଳେ ନେହୁରା ହୋଇ ୪ ଖଣ୍ଡ ପାନ ଦେଇ ଗରିବ ରୋଗୀକୁ ଭଲ ଚିକିତ୍ସା ଯୋଗାଇଦେବା ... ତାଙ୍କ ବିଷୟରେ ଯେତେ କହିଲେ ଉଦାହରଣ କମ୍ ପଡିବ ।

ସେ ସମ୍ପୂର୍ଣ୍ଣ ଭାବେ ପଦ୍ମ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିଟିଏ ।

ଶୁଦ୍ଧ ଶାକାହାରୀ ଅଦା ଖେଚୁଡ଼ି, ବାଡିଆ ଡାଲେମା ଓ ନଡ଼ିଆ ପାଚେଡ଼ି ଭରତ ସାଙ୍ଗରେ ବସି ପ୍ରଥମ ଥର ଆମେ ଖାଇଥିଲୁ।

ଗଲା ୫୦ ବର୍ଷ ଭିତରେ ଆମେ କେବେ ଭରତକୁ ବସି ଖାଇବାର ଦେଖିନୁ। ସକାଳ ୦୬ ରୁ ରାତି ୧୨ ଯାଏ ଲୋଟଣି ପାରା ଭଳି ଖଟୁଥିବ ... କେବେ କାହାକୁ ଖରାପରେ ଦୁଇ ପଦ କହିବା ଶୁଣିନୁ ।

ଆମ କଲେଜ ବେଳର ଦୁଷ୍ଟାମି ସମୟରୁ ସ୍ନେହ ଆଦର ସହିତ ବେଳେ ବେଳେ ଆକଟ ବି କରେ ସେ ରାତି ୧୧- ୧୨ ହେଲେ କହିବ ... ବାବୁ ଘରକୁ ଯାଉନ ମା' ଅପେକ୍ଷା କରିଥିବେ । ଏଭଳି ଏକ ବ୍ୟକ୍ତିଙ୍କୁ ଆପଣଙ୍କର ଯଥୋଚିତ ସମ୍ମାନ ଆମକୁ ଅଭିଭୂତ କରିଛି ।

ଧନ୍ୟବାଦର ସହ ...
ସତ୍ୟଜିତ ଦାସ (ଡୁଲୁ)

# ଆନନ୍ଦ ଆତ୍ମାର ଏକ ଶାଶ୍ୱତ ଭାବ



କିଶୋର ଚନ୍ଦ୍ର ଜେନା
'ଉପାସନା'
ଜଗନ୍ନାଥ ନଗର, ଭୁବନେଶ୍ୱର
ମୋ.: ୯୪୩୭୦୪୧୩୦୦

ମାନବ ଜୀବନ ପ୍ରକୃତି ପ୍ରଦତ୍ତ ଏକ ଅମୂଲ୍ୟ ବରଦାନ। ବିଭିନ୍ନ ଲୋକଙ୍କ ଜୀବନଶୈଳୀ, ଚାଲିଚଳନ, ଜୀବନ ଜୀଇଁବା ମଧ୍ୟ ଅନ୍ୟଠାରୁ ଭିନ୍ନ। କିନ୍ତୁ ଏ ଜୀବନ ଜୀଇଁବାର କଳା ସବୁ ମଣିଷଙ୍କ ପାଇଁ ସମାନ ନୁହେଁ। ବିଭିନ୍ନ ଲୋକଙ୍କର ବିଭିନ୍ନ ଇଚ୍ଛା, ବିଭିନ୍ନ ପ୍ରକାର ସୁଖର ଅନୁଭୂତି, ବିଭିନ୍ନ ପ୍ରକାର କଷ୍ଟ, ବେଦନା, ରୋଗ ବୈରାଗ ଦ୍ୱାରା ସଂଶ୍ଳିଷ୍ଟ। ଏ ବ୍ୟତିକ୍ରମ ଥିବାବେଳେ ଗୋଟିଏ କଥା ନିଶ୍ଚିତ ଭାବରେ ସତ୍ୟ ଏବଂ ସ୍ୱାଭାବିକ ଯେ ମଣିଷ ସବୁବେଳେ ପର୍ବତ ସମାନ ସୁଖ ଓ ସମୃଦ୍ଧି ଆଶା କରେ। କିନ୍ତୁ ଏହା କେବେ ସମ୍ଭବ ହୁଏନାହିଁ। ମଣିଷ ଯେଉଁ ଆନନ୍ଦ ପଛରେ ଅନୁଗାମୀ ହୁଏ ତାହା ପ୍ରକୃତ ଆନନ୍ଦ ନୁହେଁ। ଏହା ଭୌତିକ ଆନନ୍ଦ ଏବଂ ଏହା କ୍ଷଣସ୍ଥାୟୀ। ବାହ୍ୟ ଚାକଚକ୍ୟ, ପରିବେଶ ଏବଂ ବାହ୍ୟ ବାତାବରଣ ସହିତ ଏହାର କୌଣସି ପ୍ରକାର ସମ୍ବନ୍ଧ ନଥାଏ। ଏହା ଏମିତିଆ ଭାବ ଅଟେ ଯାହା ଆତ୍ମାର ଅନନ୍ତ ଗହ୍ୱରରୁ ଉତ୍ପନ୍ନ। ବାହ୍ୟ ଆଡ଼ମ୍ବର, ପରିବେଶ, ବ୍ୟକ୍ତି, ବସ୍ତୁ ଓ ସ୍ଥୂଳ ପଦାର୍ଥ କେବେ ସଠିକ୍ ବା ସତ୍ ଆନନ୍ଦର ସ୍ରୋତ୍ର ହୋଇପାରେ ନାହିଁ। କବୀର ଦାସ ଆନନ୍ଦ ବିଷୟରେ କହିଛନ୍ତି, 'କସ୍ତୁରୀ କୁଣ୍ଡଳି ବସେ-ମୃଗ ଢୁଣ୍ଡେ ବନ ମାହି-ଏସେ ଘଟ ଘଟ ରାମହେ ଦୁନିଆ ଦେଖତେ ନହିଁ। ଆଜି ଦୁନିଆରେ ଏହି ସ୍ଥିତି। ମୃଗ ନାଭିରେ କସ୍ତୁରୀ ବିଦ୍ୟମାନ କିନ୍ତୁ ସେ ବନସ୍ତ ଯାକ ଦୌଡ଼ିବୁଲେ କସ୍ତୁରୀ ସନ୍ଧାନରେ। ପ୍ରକୃତପକ୍ଷେ କହିବାକୁ ଗଲେ ପ୍ରକୃତ ସୁଖର ଚାବିକାଠି ମନୁଷ୍ୟ ଭିତରେ ହିଁ ଅନ୍ତର୍ନିହିତ କିନ୍ତୁ ବୁଦ୍ଧି ଓ ବିବେକରେ ଅଜ୍ଞାନତାର ଆବରଣ କାରଣରୁ ସେ ପ୍ରକୃତ ସୁଖ ପାଇବାରେ ଅସମର୍ଥ। ଆନନ୍ଦର ପ୍ରଥମ ସୂତ୍ର ହେଲା ଆତ୍ମବୋଧ ବା ଆତ୍ମଚିନ୍ତନ। ଏହି ଆତ୍ମଚିନ୍ତନ ବା ଆତ୍ମବୋଧ ମୋହ ମାୟା ଆଦି ଷଡ଼ରିପୁ ଦ୍ୱାରା ଆଚ୍ଛାଦିତ ଯାହାଫଳରେ ଆମେ ବାହ୍ୟ ସୁଖକୁ ସତ ସୁଖ ବୋଲି ଭାବୁଛୁ। ମୃଗ ଯେପରି ନିଜର ନାଭିରେ ଥିବା କସ୍ତୁରୀକୁ ଚିହ୍ନିନପାରି ବନ ଗୋଟାକ ପରିଭ୍ରମଣ କରେ, ମାନବ ସେହିପରି ସତ୍ ସୁଖକୁ ନିଜ ଆତ୍ମବୋଧ ଦ୍ୱାରା ଚିହ୍ନି ନପାରି ଏଣେ ତେଣେ ଅନୁଗାମୀ ହୁଏ। ଯେଉଁ ମାନବ ଆତ୍ମଚିନ୍ତନ ଆତ୍ମବୋଧ ଏବଂ ଆତ୍ମନିରୀକ୍ଷଣର ରହସ୍ୟକୁ ଭେଦ କରିପାରେ ବା ଚିହ୍ନିପାରେ ବା ଏହାକୁ ସାଧନ କରିପାରେ, ସେ ଏପରି ଅବସ୍ଥାରେ ପହଞ୍ଚେ□ଯେ, ସେ ବାହ୍ୟ ଆନନ୍ଦକୁ ତୁଚ୍ଛ ମଣେ ଏବଂ ଦିବ୍ୟ ସତ୍ତାରେ ସବୁବେଳେ ମଜ୍ଜି ରହିବାକୁ ଚାହେଁ। ପ୍ରକୃତପକ୍ଷେ ଆନନ୍ଦର ଏହି ଦିବ୍ୟ ପୁଞ୍ଜି ବା ରତ୍ନକୁ ପାଇବା ବହୁତ କଷ୍ଟସାଧ୍ୟ ଅଟେ ଏବଂ ସେ କୋଟି ଅନନ୍ତ ଜନ୍ମର ପରିଧିରୁ ନିଷ୍କାସିତ ହୋଇ ବ୍ରହ୍ମରେ ଲୀନ ହୁଏ। ତେଣୁ ଏହାର ଅନ୍ୟନାମ 'ସାଧନ' ଅଟେ। ଏହାର ତିନୋଟି ମୁଖ୍ୟ ବର୍ଗ ହେଲା ସିଦ୍ଧାନ୍ତ, ସାଧନ ଏବଂ ସିଦ୍ଧି। ପ୍ରଥମେ ଆମେ ସୁଖ ଚୟନର ସିଦ୍ଧାନ୍ତ ନେବା ଯେ କେଉଁ ଆନନ୍ଦ ପ୍ରକୃତ ଆନନ୍ଦ ଅଟେ ଏବଂ ଏହାକୁ ଚିହ୍ନି ପ୍ରକୃତ ମାର୍ଗ ଚୟନ କରିବା, ତତ୍ପର ହେଲା ସାଧନା ଏବଂ ଜୀବନର କଠୋର ସାଧନା ହିଁ ସିଦ୍ଧିପ୍ରାପ୍ତିର ରାସ୍ତାକୁ ଉନ୍ମୋଚନ କରାଏ। ବାହ୍ୟ ଆଡମ୍ବର ବ୍ୟବସ୍ଥାରୁ ବିମୁଖ ରହି 'ସ୍ୱ' ଠାରେ ମନକୁ କେନ୍ଦ୍ରୀତ କରି ନିଜେ ନିଜକୁ ଜାଣିବା ପାଇଁ କଠିନ ସାଧନା ଆବଶ୍ୟକ। ଆନନ୍ଦର ଦ୍ୱିତୀୟ ମହତ୍ୱପୂର୍ଣ୍ଣ ସୂତ୍ର ହେଲା 'ସ୍ୱୀକୃତି'। ଯଦି ଆମେ ପ୍ରକୃତ ଆନନ୍ଦ ଚାହୁଁଛନ୍ତି ତେବେ ଆମେ ଜୀବନର ପ୍ରତ୍ୟେକ ପରିସ୍ଥିତିକୁ ଧୈର୍ଯ୍ୟ ସହକାରେ ସମ୍ମୁଖିନ ହେବାକୁ ପଡ଼ିବ। ପରିସ୍ଥିତି ଅନୁକୂଳ ହେଉ ବା ପ୍ରତିକୂଳ ହେଉ, ଆମେ ଅନୁକୂଳ ପରିସ୍ଥିତିରେ ଅଧିକ ଉତ୍ସାହିତ ହେବା ନାହିଁ କି ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ନ ପଡ଼ି ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିଚାଲିବା। ଘଡି ଘଡି ପରିବର୍ତ୍ତନଶୀଳ ଜୀବନରେ ଜୀବନ ନୌକା କେବେ ସଦା ସର୍ବଦା ଅନୁକୂଳ ହୋଇନପାରେ। ଏହି ସତ୍ୟକୁ ସ୍ୱୀକୃତି ସହିତ ଜୀବନର ପ୍ରତ୍ୟେକ ପରିସ୍ଥିତିରେ ମାନସିକ ଅବସ୍ଥାକୁ ସନ୍ତୁଳିତ କରି ଆଗେ ବଢିବାର ବ୍ୟବସ୍ଥାକୁ ଆନନ୍ଦର ଦ୍ୱିତୀୟ ପ୍ରମୁଖ ସୂତ୍ର ବୋଲି କହିବା। ସନ୍ଥକବି ଭୀମଭୋଇଙ୍କର ସେହି କାଳଜୟୀ ପଂକ୍ତି 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ ବୋ ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ। ଆନନ୍ଦର ତୃତୀୟ ସୂତ୍ରଟି ହେଲା 'କୃତଜ୍ଞତା'। ଆମେ ଆମର ଛୋଟ ଛୋଟ କାମରେ ମଧ୍ୟ ଅନ୍ୟ ପ୍ରତି କୃତଜ୍ଞତା ଜ୍ଞାପନ କରିବା ଦରକାର। ଏହା ଏକ ଭାବ ଯାହା ମଣିଷ ମନର ଅହଂଭାବର ଅନ୍ଧାର ଦୂର କରି ବହୁଦା ଭାବରେ ଆଲୋକ ବର୍ତ୍ତିକା ପ୍ରଦାନ କରିବାରେ ସାହାଯ୍ୟ କରେ ଯେଉଁଦିନ ଆମର ଅନ୍ତର୍ମନରୁ ଅହଂଭାବର ଅନ୍ଧାର ସମାପ୍ତ ହେବ, ସେହିଦିନ ଆମର ଅନ୍ତର୍ମନରେ ଏକ ଦିବ୍ୟ ଆନନ୍ଦର ଆଲୋକ ଜଳି ଉଠିବ। ପ୍ରାଣୀମାନଙ୍କ ପ୍ରତି ସେବାଭାବ ମଧ୍ୟ ଆନନ୍ଦ ପ୍ରାପ୍ତିର ଏକ ମୁଖ୍ୟ ସୂତ୍ର ଅଟେ। ଯେତେବେଳେ ଅନ୍ୟର ଦୁଃଖ ନିଜର ଦୁଃଖ ଭାବରେ ପ୍ରତୀୟମାନ ହେବ, ସେତେବେଳେ ମନରେ ଦୟା, କ୍ଷମା, କରୁଣା, ସେବା ଆଦି ସବନା ମନର ବଗିଚାରେ ପ୍ରସ୍ଫୁଟିତ ହେବାରେ ଲାଗିବ। ଏହା ମାଧ୍ୟମରେ ଆମେ ଆମର ହୃଦୟ ପ୍ରଦେଶରେ ଆତ୍ମତୃପ୍ତିର ଦୀପ ଜଳାଇବାରେ ସକ୍ଷମ ହେବା ଏବଂ ଏହି ପ୍ରକାର ଆତ୍ମତୃପ୍ତିର ଅନୁଭବର ଭାବ ଆମର ଅନ୍ତର୍ମନକୁ ଶିଥିଳତା ପ୍ରଦାନରେ ସାହାଯକ ହେବ। 'ମାନବ ସେବା ହିଁ ମାଧବ ସେବା' ସ୍ୱାମୀ ବିବେକାନନ୍ଦଙ୍କର ଏହି ଉକ୍ତିଟି ଆତ୍ମତୃପ୍ତିର ଏକ ସଶକ୍ତ ମାଧ୍ୟମ। ଏବଂ ଆନନ୍ଦ ଏକ କ୍ଷଣିକ ଭାବ ନୁହେଁ ଯାହା ମନରେ ଥରେ ଉଦ୍ରେକ ହୋଇ କିଛି ସମୟ ମଧ୍ୟରେ ସମାପ୍ତି ଗ୍ରହଣ କରିବ। ଏହା ଏକ ପ୍ରକାର ଭାବ ଯାହା ଥରେ ଅର୍ନ୍ତମନରେ ସ୍ଥାନ ନେଲେ ମନରେ ଦିବ୍ୟତା ଉତ୍ପନ୍ନ ହେବ ଏବଂ ମନରେ ଆନନ୍ଦ ହିଁ ଆନନ୍ଦ ଯାହାକୁ ଆମ୍ଭେ ଦିବ୍ୟାନନ୍ଦ ବୋଲି ପ୍ରକାଶ କରୁ। ସଚ୍ଚା ଆନନ୍ଦ ତେବେ ଉତ୍ପନ୍ନ ହେବ, ଯେତେବେଳେ ମନରେ ବା ହୃଦୟରେ କୃତଜ୍ଞତା, କରୁଣା, ସହଯୋଗ ଏବଂ ନିଃସ୍ୱାର୍ଥ ସେବାର ଭାବ ମନରେ ପରିପ୍ରକାଶ ଘଟିବ ଏବଂ ଜୀବନ ପ୍ରତ୍ୟେକ ପରିସ୍ଥିତିରେ ସକରାତ୍ମକତା ଭାବନା ଉଦ୍ଭାସିତ ହେବ। ସତ୍ ଆନନ୍ଦ ବାସ୍ତବରେ ଆମର ଅନ୍ତରାତ୍ମାରେ ଲୁଚି ରହିଥାଏ। କେବଳ ଅଜ୍ଞାନତା, ସ୍ୱାର୍ଥ ଏବଂ ଅଧିକାରର ଆବରଣକୁ ହଟାଇବା ଦରକାର। ଯେଉଁଦିନ ବା ଯେଉଁକ୍ଷଣ ଏ ପ୍ରକାର ଦୁର୍ଗୁଣ ଏବଂ ମୋହତାକୁ ତ୍ୟାଗ କରିବା, ସେହିଦିନ ଓ ସେହି ମୁହୂର୍ତ୍ତରେ ପ୍ରକୃତ ଆନନ୍ଦର ମାର୍ଗ ପ୍ରଶସ୍ତ ହୋଇଯାଏ ଏବଂ ଏହାକୁ ପ୍ରାପ୍ତ କରିବାରେ ସକ୍ଷମ ବୋଧ ହେଉ। ଆନନ୍ଦ ଏପରି ଏକ ସ୍ଥାୟୀ ଭାବ ଯାହା ମାନସିକ ଶାନ୍ତି, ଆତ୍ମସ୍ୱୀକୃତି ଏବଂ ଆତ୍ମବୋଧ ମାଧ୍ୟମରେ ହୃଦୟର ଗଭୀରତମ ପ୍ରଦେଶରୁ ଉତ୍ପନ୍ନ ହୁଏ। ଏହା ନିଶ୍ଚିତ ସତ୍ୟ ଯେ ଥରେ ସତ୍ ଆନନ୍ଦ ପ୍ରାପ୍ତି ହେଲେ ଅନ୍ୟ ଆନନ୍ଦ ତା ପାଖରେ ନିଷ୍କ୍ରିୟତା ଏବଂ ମୂଲ୍ୟହୀନ ପରି ମନେହୁଏ। ସତ୍ ଆନନ୍ଦକୁ ଆତ୍ମସାତ କରିବାକୁ ହେଲେ, ଆମ୍ଭେ ପ୍ରକୃତି ଏବଂ ଏହା ସହିତ ସଂଲଗ୍ନ ସମସ୍ତ ଅଙ୍ଗ ଯଥା ସାହିତ୍ୟ, ସଙ୍ଗୀତ, କଳା, ଧ୍ୟାନ, ଯୋଗ ଏବଂ ପ୍ରାର୍ଥନା ଆଦି ସମସ୍ତଙ୍କ ସହିତ ଗଭୀର ସମ୍ବନ୍ଧ ସ୍ଥାପନ ଦରକାର। କାରଣ ପ୍ରକୃତିସ୍ଥ ହୋଇ ଆମ୍ଭେ ସମସ୍ତ ବିପଦ ଆପଦରୁ ମୁକ୍ତ ହୋଇପାରୁ। ଜୀବନର ପ୍ରତ୍ୟେକ କଠିନ ପ୍ରଶ୍ନର ଏବଂ ଆପଦର ଉ□ର ଏବଂ ଉପାୟ ହେଉଛି ପ୍ରକୃତି, ଯେତେବେଳେ ମୁସ୍କିଲ୍ ଘଡି ବା ବିପଦ ନଥିବ, ତେବେ ନିଃସନ୍ଦେହ ଯେ, ଜୀବନରେ କେବଳ ଆନନ୍ଦ ହିଁ ଆନନ୍ଦ। ନିଃସନ୍ଦେହରେ ଆମେ କହିପାରିବା ସତ୍ ଆନନ୍ଦର ସୂତ୍ର ବା ଚାବିକାଠି ଆମର ଅର୍ନ୍ତାତ୍ମାରେ ନିହିତ ଯାହାକୁ ଆମେ ବାହାରକୁ ଯାଇ ଖୋଜିବାର କୌଣସି ଆବଶ୍ୟକତା ନାହିଁ। ଆନନ୍ଦ ଏକ କ୍ଷଣିକ ଭାବ ନୁହେଁ ଯିଏ ମନରେ ଥରେ ଉତ୍ପନ୍ନ ହୋଇ କିଛି ସମୟ ମଧ୍ୟରେ ବିଲୁପ୍ତ ହୋଇଯିବ ପରନ୍ତୁ ଏହା ଏକ ଦିବ୍ୟ ଓ ଶାଶ୍ୱତ ଭାବ ଯାହା ଥରେ ଅର୍ନ୍ତମନରେ ଉଦୟ ହେଲେ ଅସ୍ତମିତ ହୁଏ ନାହିଁ ବରଂ ଏହା ହୃଦୟ ଏବଂ ମନକୁ ଦିବ୍ୟ ଭାବନାରେ ସଦା ଉଲଫୁଲିତ କରେ।

# ବିନାୟକ ଆଚାର୍ଯ୍ୟ...ଏକ ଅମ୍ଳାନ ପ୍ରତିଭା



ଅମିତ କୁମାର ଆଚାର୍ଯ୍ୟ
ବ୍ରହ୍ମପୁର, ଗଞ୍ଜାମ

ଜନ୍ମ ଓ ପ୍ରାରମ୍ଭିକ ଶିକ୍ଷା-ସେ ୧୯୧୮ ମସିହା ଅଗଷ୍ଟ ୩୦ ତାରିଖରେ (ବିନାୟକ ପୂଜା ଦିନ) ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରସ୍ଥ ଶଙ୍କରପୁର ସାହିରେ ଏକ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ରଘୁନାଥ ଆଚାର୍ଯ୍ୟ ଓ ମାତାଙ୍କ ନାମ ପାର୍ବତୀଦେବୀ ଥିଲା। ତାଙ୍କ ପ୍ରପିତାମହ ପାଲକୋଣ୍ଡା ରାଜାଙ୍କ ପ୍ରଧାନମନ୍ତ୍ରୀ ଥିଲେ, ଯାହାଙ୍କୁ ବ୍ରିଟିଶ ସରକାର ବ୍ରହ୍ମପୁରରେ ଥଇଥାନ କରିଥିଲେ। ବିନାୟକ ଆଚାର୍ଯ୍ୟ ନିଜର ପ୍ରାଥମିକ ଶିକ୍ଷା ବ୍ରହ୍ମପୁରରୁ ଶେଷ କରି, ଖଲ୍ଲିକୋଟ କଲେଜରୁ ଆଇ.ଏ., ପାରଳା ମହାରାଜା କଲେଜରୁ ବି.ଏ. ଏବଂ ପରେ କଟକରୁ ବି.ଇଡ଼ି. ଡିଗ୍ରୀ ହାସଲ କରିଥିଲେ।

ଆଦର୍ଶ ଏବଂ ଶିକ୍ଷକତା-ଛାତ୍ରାବସ୍ଥାରେ ସେ କାର୍ଲମାର୍କସଙ୍କ ସାମ୍ୟବାଦୀ ଚିନ୍ତାଧାରାରେ ପ୍ରଭାବିତ ହୋଇଥିଲେ ମଧ୍ୟ ପରେ ମହାତ୍ମାଗାନ୍ଧିଙ୍କ ଆଦର୍ଶ ପ୍ରତି ଗଭୀର ଭାବେ ଆକୃଷ୍ଟ ହୋଇଥିଲେ। ସେ ବ୍ରିଟିଶ୍ ଅଧୀନରେ ଡେପୁଟି କଲେକ୍ଟର ହେବାର ସୁଯୋଗ ପାଇଥିଲେ ମଧ୍ୟ ଶିକ୍ଷକତାକୁ ନିଜର କର୍ମମୟ ଜୀବନ ଭାବେ ବାଛିନେଇଥିଲେ। ବ୍ରହ୍ମପୁର ପୌର ଉଚ୍ଚ ବିଦ୍ୟାଳୟରେ ସେ ସହକାରୀ ଶିକ୍ଷକ ଓ ପରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ସମଗ୍ର ଗଞ୍ଜାମ ଜିଲ୍ଲାରେ 'ବିନାୟକ ମାଷ୍ଟ୍ରେ' ନାମରେ ପ୍ରସିଦ୍ଧ ହୋଇଥିଲେ।



ଶିକ୍ଷକମାନଙ୍କର ହକ୍ ପାଇଁ ସେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ମହାସଂଘ ଗଠନ କରିଥିଲେ।

ସାମାଜିକ ଓ ରାଷ୍ଟ୍ରୀୟ କାର୍ଯ୍ୟ-ବିନାୟକ ମାଷ୍ଟ୍ରେ ୧୯୪୨ ଭାରତଛାଡ଼ ଆନ୍ଦୋଳନ, ହରିଜନ ଆନ୍ଦୋଳନ, ଶ୍ରମିକ ଆନ୍ଦୋଳନ ଏବଂ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଜଣେ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରୁ ଆସି ମଧ୍ୟ ସେ ଅସ୍ପୃଶ୍ୟତା ବିରୋଧରେ ଲଢ଼ିଥିଲେ। ଦୀର୍ଘ ୩୦ ବର୍ଷ ଧରି ରାଷ୍ଟ୍ରଭାଷା ପ୍ରଚାର ସମିତି ସହ ଜଡ଼ିତ ରହି ସେ ଓଡ଼ିଶାରେ ହିନ୍ଦୀ ଭାଷାର ବ୍ୟାପକ ପ୍ରସାର କରିଥିଲେ।

ରାଜନୈତିକ ଯାତ୍ରା-ପ୍ରଥମେ କମ୍ୟୁନିଷ୍ଟ ପାର୍ଟି ସହ ଜଡ଼ିତ ଥିବା ବିନାୟକ ବାବୁ ୧୯୫୮ ମସିହାରେ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୬୭ ମସିହାରେ ସେ ଶିକ୍ଷକତାରୁ ଇସ୍ତଫା ଦେଇ ପ୍ରଥମ ଥର ପାଇଁ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହେଲେ ଏବଂ ବିଧାନସଭାରେ ବିରୋଧୀ ଦଳର ନେତା ମଧ୍ୟ ହୋଇଥିଲେ। ୧୯୭୧ ଓ ୧୯୭୪ ମସିହାରେ କ୍ରମାଗତ ବିଜୟୀ ହୋଇ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ କ୍ୟାବିନେଟରେ ସେ କୃଷି, ଅର୍ଥ, ଶିକ୍ଷା, ଏବଂ ଅବକାରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ।

ମୁଖ୍ୟମନ୍ତ୍ରୀ ପଦ ଏବଂ ଜନକଲ୍ୟାଣ-୧୯୭୬ ମସିହା ଡିସେମ୍ବର ୨୯ ତାରିଖରେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ। ତାଙ୍କ ମୁଖ୍ୟମନ୍ତ୍ରୀତ୍ୱର ସମୟସୀମା ମାତ୍ର ୧୨୩ ଦିନ ଥିଲେ ମଧ୍ୟ ସେ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। କଲେଜ ଶିକ୍ଷକମାନଙ୍କ ପାଇଁ UGC ଦରମା ଲାଗୁ କରିବା, ଗରିବ ଛାତ୍ରଙ୍କ ପାଇଁ ବ୍ଲଡ୍ ବ୍ୟାଙ୍କ ପ୍ରତିଷ୍ଠା, ଗ୍ରାମାଞ୍ଚଳରେ ମହାଜନୀ କାରବାର ବନ୍ଦ କରି କୃଷକମାନଙ୍କୁ ସମବାୟ ଋଣ ଯୋଗାଣ ଆଦି ତାଙ୍କ ଶାସନକାଳର ପ୍ରମୁଖ ସଫଳତା ଥିଲା। ତାଙ୍କ ମତରେ ମାନବ ସମ୍ବଳ ବିକାଶ ବିନା ରାଜ୍ୟର ପ୍ରଗତି ଅସମ୍ଭବ।

ମହାପ୍ରୟାଣ

୧୯୭୭ ଏବଂ ୧୯୮୦ ବିଧାନସଭା ନିର୍ବାଚନରେ ପରାଜୟ ସତ୍ତ୍ୱେ ସେ ନିଜର ଆଦର୍ଶରୁ ଓହରି ନଥିଲେ। ୧୯୮୩ ମସିହା ଡିସେମ୍ବର ୧୧ ତାରିଖ ଦିନ ମାତ୍ର ୬୫ ବର୍ଷ ବୟସରେ ଏହି ମୂଲ୍ୟବୋଧର ମହାନାୟକଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ଅନ୍ତିମ ସଂସ୍କାରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏକ ବିଶୃଙ୍ଖଳିତ ରାଜନୀତିରେ ସେ ଥିଲେ ସଚ୍ଚୋଟତା ଏବଂ ଗାନ୍ଧିବାଦର ଏକ ମହାନ ପ୍ରତୀକ।

# ପେରୀୟାରବାଦରୁ ଆମ୍ବେଦକରବାଦ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ତାମିଲନାଡୁ ରାଜନୀତିର ଧାରା ସର୍ବଭାରତୀୟ ରାଜନୀତିଠାରୁ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ କୌଣସି ଜାତୀୟ କିମ୍ବା ଭିନ୍ନ ରାଜନୈତିକ ଦଳ ଏହି ରାଜ୍ୟରେ ଉଧେଇ ପାରୁନାହାଁନ୍ତି। ସ୍ୱାଧୀନତା ପରଠାରୁ ୨୦ ବର୍ଷ ଭାରତୀୟ ଜାତୀୟ କଂଗ୍ରେସ ରାଜ୍ୟକୁ(ପ୍ରଥମେ ମାଡ୍ରାସ ପ୍ରୋଭିନ୍ସ ଓ ୧୯୫୬ ରୁ ମାଡ୍ରାସ ଷ୍ଟେଟକୁ) ଶାସନ କରିଥିଲା। ୧୯୬୭ ମସିହା ପରେ ଲଗାତାର ଦ୍ରାବିଡ ଦଳମାନେ ସରକାର ଗଠନକରି ଆସୁଛନ୍ତି। ବିଶେଷକରି ଦୁଇଟି ଦଳ ଡ଼ିଏମକେ ଓ ଏଆଇଏଡିଏମକେ ଅଦଳବଦଳ ହୋଇ ଶାସନ କରୁଥିଲେ। ଗତ ନିର୍ବାଚନରେ ପରିବର୍ତ୍ତନ ଦେଖାଦେଲା। ଶାସକ ଦ୍ରାବିଡ ମୁନେତ୍ର କାଜାଗମ୍ (ଡିଏମକେ)କୁ ହରାଇ ତାମିଲାଗା ଭେଟ୍ରି କାଜାଗମ(ଟିଭିକେ) କ୍ଷମତାକୁ ଆସିଛି। ଏହା ମଧ୍ୟ ଦ୍ରାବିଡ ବିଚାରଧାରାର ଦଳ। ତେବେ ନୂତନତା ହେଉଛି ଏହି ଦଳ ଦ୍ରାବିଡ଼ ବିଚାରଧାରା ସହିତ ଡ଼କ୍ଟର ଆମ୍ବେଦକରଙ୍କ ବିଚାରଧାରାକୁ ଯୋଡ଼ିଛି।

ସାମାଜିକ ନ୍ୟାୟ ଆନ୍ଦୋଳନକୁ ପ୍ରସଙ୍ଗ କରି ରାଜନୈତିକ ସଫଳତା ସର୍ବପ୍ରଥମେ ଦକ୍ଷିଣ ଭାରତର ରାଜ୍ୟ ତାମିଲନାଡୁରେ ମିଳିଥିଲା। ସେଠାରେ ରାମସ୍ୱାମୀ ପେରିୟାରଙ୍କ ସାମାଜିକ ନ୍ୟାୟ ଆନ୍ଦୋଳନ ଏତେ ପ୍ରଭାବଶାଳୀ ଥିଲା ଯେ ତାହା ଏକ ସ୍ଥାୟୀ ରାଜନୈତିକ ଭିତ୍ତିଭୂମି ତିଆରି କରିଥିଲା। ସେ ପ୍ରଚଳିତ ଜାତିପ୍ରଥା, ଧାର୍ମିକ ପାଖଣ୍ଡବାଦ, ଅନ୍ଧବିଶ୍ୱାସ ଓ କୁସଂସ୍କାର ପରି ସାମାଜିକ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବିଷୟଗୁଡ଼ିକର ଉତ୍ପାଟନ ପାଇଁ ଆଜୀବନ ସଂଗ୍ରାମ କରିଥିଲେ ଓ ଏହାକୁ ତାମିଲନାଡୁରେ ଏକ ସାମାଜିକ ଆନ୍ଦୋଳନର ରୂପ ଦେବାକୁ ସକ୍ଷମ ହୋଇଥିଲେ। ସେ ପ୍ରଥମେ ଜଷ୍ଟିସ ପାର୍ଟି ଗଠନ କରିଥିଲେ। ଏହାକୁ ବଦଳାଇ ପରେ ସେ ଯେଉଁ ପାର୍ଟି ତିଆରି କରିଥିଲେ ତାହାର ନାମ ଥିଲା ଦ୍ରାବିଡ଼ର କାଜାଗମ। ପରେ ତାଙ୍କ ଶିଷ୍ୟ ଆନ୍ନାଦୁରାଇ ତାଙ୍କଠାରୁ ଅଲଗା ହୋଇ ୧୯୪୯ ମସିହାରେ ଗଠନ କଲେ ଦ୍ରାବିଡ଼ ମୁନେତ୍ର କାଜାଗମ୍।

ଆନ୍ନା ଦୂରାଇ ଥିଲେ ମାଡ୍ରାସ୍ ଷ୍ଟେଟର ଶେଷ ମୁଖ୍ୟମନ୍ତ୍ରୀ ଓ ତାମିଲନାଡୁ ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ। ୧୯୬୯ ରେ ମାଡ୍ରାସ ଷ୍ଟେଟର ନାମ ପରିବର୍ତ୍ତନ ହୋଇ ହେଲା ତାମିଲନାଡୁ। ତାଙ୍କ ଦେହାନ୍ତ ପରେ ଏମ୍. କରୁଣାନିଧି ହେଲେ ତାମିଲନାଡୁର ଡି.ଏମ୍.କେ. ମୁଖ୍ୟମନ୍ତ୍ରୀ। ପରେ ଡି.ଏମ୍.କେ. ରୁ ଗୋଟିଏ ଗୋଷ୍ଠୀ ଏମଜି ରାମଚନ୍ଦ୍ରନଙ୍କ ନେତୃତ୍ୱରେ ବାହାରିଯାଇ ଗଠନ କଲେ ଏ.ଆଇ.ଏ.ଡି.ଏମ୍.କେ. । ଏହି ଦଳରୁ ସେ ହୋଇଥିଲେ ମୁଖ୍ୟମନ୍ତ୍ରୀ। ତାଙ୍କ ପରେ ସୁଶ୍ରୀ ଜୟଲଳିତା ହୋଇଥିଲେ ମୁଖ୍ୟମନ୍ତ୍ରୀ। ଅନ୍ୟମାନେ ସ୍ୱଳ୍ପ ସମୟ ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏମାନେ ଦୀର୍ଘବର୍ଷଧରି ତାମିଲନାଡୁକୁ ଶାସନକରି ଆସିଥିଲେ । ସମସ୍ତେ ସାମାଜିକ ନ୍ୟାୟ ଆନ୍ଦୋଳନର ପୃଷ୍ଠପୋଷକ। ଏହି ବିଚାରଧାରା ବ୍ୟତୀତ ଅନ୍ୟ କୌଣସି ବିଚାରଧାରାର ପାର୍ଟି ରାଜ୍ୟରେ ତିଷ୍ଠି ପାରିନାହିଁ। କଂଗ୍ରେସ ଓ ବିଜେପି ପରି ରାଷ୍ଟ୍ରୀୟ ପାର୍ଟି ବହୁ ଚେଷ୍ଟା ପରେବି ନିଜ ସ୍ଥିତିକୁ ରାଜ୍ୟରେ ବଢାଇପାରି ନାହାଁନ୍ତି। ଗତ ନିର୍ବାଚନରେ ବିଜେପି କେବଳ ୧ ଟି ଓ କଂଗ୍ରେସ ଡିଏମକେ ସହିତ ଗଠବନ୍ଧନ କରି ୫ ଟି ଆସନରେ ବିଜୟୀ ହୋଇଛି।

ତାମିଲନାଡୁ ହେଉଛି ଏପରି ଏକ ରାଜ୍ୟ ଯେଉଁଠାରେ ସଂରକ୍ଷଣ ସୀମା ସର୍ବାଧିକ। ଏଠାରେ ମୋଟ ସଂରକ୍ଷଣ ହାର ୬୯%। ଇ.ଡବ୍ଲ୍ୟୁ.ଏସ. ସଂରକ୍ଷଣ ମିଶିଲେ ଏହା ହେଉଛି ୭୯%। ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ୫୦%, ଅନୁସୂଚିତ ଜାତି ପାଇଁ ୧୮% ଓ ଅନୁସୂଚୀତ ଜନଜାତି ପାଇଁ ୧% ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହା ସମ୍ଭବପର ହୋଇଛି ଯେହେତୁ ସେ ରାଜ୍ୟ ସ୍ୱତନ୍ତ୍ର ସାମାଜିକ ସ୍ଥିତିକୁ ଦର୍ଶାଇ ସଂରକ୍ଷଣ ହାରକୁ ବିଧାନସଭାରେ ଗୃହିତ କରାଇ କେନ୍ଦ୍ରକୁ ପଠାଇଥିଲା ଓ ଏହାକୁ ସମ୍ବିଧାନର ନବମ ଅନୁଚ୍ଛେଦରେ ସ୍ଥାନିତ କରାଇଛି। ଏଥିପାଇଁ ସେ ରାଜ୍ୟରେ ସର୍ବଦଳୀୟ ପ୍ରଚେଷ୍ଟା ହୋଇଛି। ଓଡ଼ିଶାରେ ଏହି ବର୍ଗର ଲୋକମାନଙ୍କ ସଂଖ୍ୟା ବହୁ ଅଧିକ ହୋଇଥିଲେ ହେଁ ଏଠାରେ ତାମିଲନାଡୁ ତୁଲ୍ୟ ପଦକ୍ଷେପ ନିଆହୋଇ ପାରିନାହିଁ। କାରଣ ଏଠାରେ ତାମିଲନାଡୁ ତୁଲ୍ୟ ସାମାଜିକ ନ୍ୟାୟ ଆନ୍ଦୋଳନ ସଂଗଠିତ ହୋଇନାହିଁ। ଯେଉଁଦିନ ଏହି ପ୍ରକାର ଆନ୍ଦୋଳନରୁ ସୃଷ୍ଟି ସରକାର ଆସିବ ସେହିଦିନ ଏହା ସହଜରେ ହୋଇ ପାରିବ।

ଗତ ବିଧାନସଭା ନିର୍ବାଚନରେ ନବଗଠିତ ପାର୍ଟି ଟିଭିକେ ଶାସକ ଡିଏମକେକୁ ପରାସ୍ତ କରିଛି। ୨୩୪ ଟି ଆସନ ମଧ୍ୟରୁ ଟିଭିକେ ୧୦୮ ଟି ଓ ଡିଏମକେ ୫୯ ଆସନରେ ଜିତିଛି। କଂଗ୍ରେସ ସମେତ କେତେକ ଛୋଟ ଦଳର ସମର୍ଥନରେ ଟିଭିକେ ସରକାର ଗଠନ କରିଛି ଓ ସି ଜୋଶେଫ ବିଜୟ ହୋଇଛନ୍ତି ମୁଖ୍ୟମନ୍ତ୍ରୀ। ତାଙ୍କ ପ୍ରକୃତ ନାମ ହେଉଛି ଜୋଶେଫ ବିଜୟ ଚନ୍ଦ୍ରଶେଖର। ସେ ଚଳଚ୍ଚିତ୍ର ଜଗତରୁ ଆସିଛନ୍ତି। ଦକ୍ଷିଣ ଚଳଚ୍ଚିତ୍ର ଜଗତର ନାୟକ ଭୂମିକାରେ ଅବତୀର୍ଣ୍ଣ ହେଉଥିବା ସେ ଜଣେ ପ୍ରସିଦ୍ଧ କଳାକାର। ଏହା ସହିତ ସାମାଜିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରି ଆସୁଥିଲେ। ବିଭିନ୍ନ ସମୟରେ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରୁଥିଲେ। ତେଣୁ ଲୋକମାନେ ତାଙ୍କୁ ଥାଲାପତି ବିଜୟ ବୋଲି ଡାକୁଥିଲେ। ଅର୍ଥାତ୍ କମାଣ୍ଡର(ସେନାପତି) ବିଜୟ। ତାମିଲନାଡୁର ସମସ୍ତ ଦ୍ରାବିଡ଼ ପାର୍ଟି ରାମସ୍ୱାମୀ ପେରିୟାରଙ୍କ ବିଚାରଧାରା ଦ୍ୱାରା ଅନୁପ୍ରାଣିତ। ତେଣୁ ବିଜୟ ଥାଲାପତି ମଧ୍ୟ ପ୍ରାରମ୍ଭରୁ ତାଙ୍କ ବିଚାର ଦ୍ୱାରା ପ୍ରଭାବିତ। ପେରିୟାର ଜାତିବ୍ୟବସ୍ଥା ଓ ଏହାର ଜନକ ବର୍ଣ୍ଣବ୍ୟବସ୍ଥାର ଉଚ୍ଛେଦ ସହିତ ଦ୍ରାବିଡ଼ ଅସ୍ମିତା ଉପରେ ଗୁରୁତ୍ୱ ଦେଉଥିଲେ। ସମାଜରେ ସମାନତା, ଭାତୃତ୍ୱଭାବ ଓ ମାନବୀୟ ମୂଲ୍ୟବୋଧର ପ୍ରତିଷ୍ଠା କରିବା ଥିଲା ତାଙ୍କ ଲକ୍ଷ୍ୟ। ଧର୍ମ ଓ ଜାତିବ୍ୟବସ୍ଥା ଏ ସମସ୍ତର ପ୍ରତିବନ୍ଧକ, ତେଣୁ ସେ ଏଗୁଡ଼ିକୁ ବିରୋଧ କରୁଥିଲେ। ତାଙ୍କ ଅନୁଗାମୀ ଭାବେ ବିଜୟ ଥାଲାପତି ଏହି ବିଚାରଧାରାରୁ ମୁକ୍ତ ନୁହଁନ୍ତି।

ଏହା ସହିତ ଡକ୍ଟର ବି.ଆର. ଆମ୍ବେଦକରଙ୍କ ଆଦର୍ଶ ଓ ପ୍ରଦତ୍ତ ସାମ୍ବିଧାନିକ ବ୍ୟବସ୍ଥା ତାଙ୍କ ବିଚାରର ମଜଭୂତ ସ୍ତମ୍ଭ। ଏହାକୁ ତାଙ୍କ ପାର୍ଟିର ଆଦର୍ଶ ଭାବେ ଗ୍ରହଣ କରିଛନ୍ତି। ନିର୍ବାଚନ ପ୍ରଚାର ସମୟରେ ଦେଖାଯାଇଛି ସେ ଗାଡ଼ି ଉପରେ ବସି ଡକ୍ଟର ଆମ୍ବେଦକରଙ୍କ ଫୋଟଚିତ୍ର ପ୍ରଦର୍ଶନ କରିବାର। ସେ ବାରମ୍ବାର ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ଯେ ଆମ୍ବେଦକରଙ୍କ ପ୍ରେରଣା ତାଙ୍କୁ ଆଜି ମୁଖ୍ୟମନ୍ତ୍ରୀ ପଦ ପର୍ଯ୍ୟନ୍ତ ପହଞ୍ଚାଇଛି। ତାଙ୍କ ଜାତିରହିତ ସମାଜର ପରିକଳ୍ପନା ସହିତ ସମ୍ବିଧାନ ପ୍ରଦତ୍ତ ଧର୍ମନିରପେକ୍ଷତା, ସମତା, ମମତା, ସାମାଜିକ ନ୍ୟାୟ, ବ୍ୟକ୍ତିପ୍ରତି ସମ୍ମାନ ଆଦି ତାଙ୍କ ସରକାରର ଆଦର୍ଶ ପାଲଟିଛି। ଦେଖାଯାଏ ସେ ଡକ୍ଟର ଆମ୍ବେଦକରଙ୍କ ଜୟନ୍ତୀ ଓ ତିରୋଧାନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାର। ତାଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଦ୍ରାବିଡ଼ ମହାପୁରୁଷଙ୍କ ସହିତ ଡକ୍ଟର ଆମ୍ବେଦକରଙ୍କ ଫଟୋଚିତ୍ର ଲଗାଇଛନ୍ତି।

ସେ ଇସାଇ ସମ୍ପ୍ରଦାୟର ହେଲେହେଁ ନିଜକୁ ଜାତି ଓ ସମ୍ପ୍ରଦାୟର ଉର୍ଦ୍ଧ୍ୱରେ ରଖିଛନ୍ତି। ରାଜନୀତିରେ ଏଗୁଡ଼ିକର ଆବଶ୍ୟକତା ନାହିଁ ବୋଲି ତାଙ୍କ ମତ। ରାଜନୀତି ହେଉଛି ଏକପ୍ରକାର ସେବା। ସେବା ଦେଲାବେଳେ କାହାରି ଧର୍ମ ଓ ଜାତି ଦେଖାଯାଏ ନାହିଁ। ମୁଖ୍ୟମନ୍ତ୍ରୀ ହେବାପରେ ସେ ନେଉଥିବା ତ୍ୱରିତ ପଦକ୍ଷେପ ଲୋକଙ୍କ ମନକୁ ପାଉଛି। ଭ୍ରଷ୍ଟାଚାରର ଉତ୍ପାଟନ, ପ୍ରଶାସନକୁ ଲୋକାଭିମୁଖୀ କରିବା, ମଦ ଓ ନିଶାର ପ୍ରସାରକୁ ନିୟନ୍ତ୍ରଣ କରିବା ଓ ସମସ୍ତଙ୍କୁ ସମାନ ମର୍ଯ୍ୟଦା ଦେବା ପରି କାର୍ଯ୍ୟ ଲୋକଙ୍କ ମନକୁ ପାଉଛି। ତାଙ୍କ ସାଧାରଣ ଜୀବନଶୈଳୀ ଲୋକଙ୍କୁ ପ୍ରଭାବିତ କରୁଛି। ଟିଫିନ୍ କେରିଆରରେ ଘରୁ ଖାଦ୍ୟ ଆଣି ଅଫିସରେ ବସି ଖାଉଛନ୍ତି। କେହି କର୍ମୀ ଆସିଲେ ତାଙ୍କୁ ନିଜ ଆସନରେ ବସାଇ ଏହା ତୁମ ଚେଆର ବୋଲି କହି ତାଙ୍କୁ ସମ୍ମାନ ଦେବା ପରି ଘଟଣା ତାଙ୍କୁ ଗଣତନ୍ତ୍ରର ଜଣେ ପ୍ରକୃତ ପୂଜାରୀ ଭାବେ ସ୍ଥାପିତ କରିଛି।

ପେରିୟାରବାଦ ଓ ଆମ୍ବେଦକରବାଦ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ। ତେଣୁ ଥାଲାପତି ବିଜୟ ପେରିୟାରବାଦକୁ ଛାଡି ଆମ୍ବେଦକରବାଦକୁ ଗ୍ରହଣ କରିଛନ୍ତି କହିବା ଭୁଲ ହେବ। ବରଂ ଏହା କହିବା ଠିକ ହେବ ଯେ ସେ ଉଭୟକୁ ଗ୍ରହଣ କରିଛନ୍ତି। ତଫାତ୍ ହେଉଛି ପେରିୟାରଙ୍କ କଠୋର ପ୍ରୟୋଗକୁ ଆମ୍ବେଦକରଙ୍କ ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ ସାମାନ୍ୟ ନରମ ଏବଂ ଅଧିକ ଶାଣିତ ଓ ବାସ୍ତବମୁଖୀ କରିଛନ୍ତି। ଏହା ସୂଚୀତ କରୁଛି ଯେ ମୁଖ୍ୟମନ୍ତ୍ରୀ ବିଜୟ କେବଳ ତାମିଲନାଡୁରେ ସୀମିତ ରହିବାକୁ ଚାହୁଁ ନାହାଁନ୍ତି, ସେ ଜାତୀୟ ରାଜନୀତି ପାଇଁ ଆଗ୍ରହ ରଖିଛନ୍ତି। ସେ ଜାଣିଛନ୍ତି ଜାତୀୟ ରାଜନୀତିରେ ପେରିୟାରବାଦ ଅପେକ୍ଷା ଆମ୍ବେଦକରବାଦ ଅଧିକ ଗ୍ରହଣୀୟ ହେବ। ଦେଶରେ ଏକ ବଡ ଜନାଧାର ତାଙ୍କୁ ମିଳିଯିବ। ଦେଖାଯାଉ ଏଦିଗରେ ସେ କେଉଁ ରାଜନୈତିକ ଗୋଟି ଖେଳୁଛନ୍ତି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS

ସମ୍ବାଦ କଳିଙ୍ଗ

ଭୁବନେଶ୍ୱର,୩୦ ଅଗଷ୍ଟ, ରବିବାର,୨୦୨୬



# କୋହଲିଙ୍କଠାରୁ ଶ୍ରେଷ୍ଠ ବୁମ୍ରା



**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନ ମନ୍ତବ୍ୟକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ତାଙ୍କୁ ସମସ୍ତ ଫର୍ମାଟରେ ସର୍ବଶ୍ରେଷ୍ଠ ଭାରତୀୟ ଖେଳାଳିଙ୍କୁ ଚୟନ କରିବାକୁ କୁହାଯାଇଥିଲା। ଶେଷରେ ସେ ସଚିନ ତେନ୍ଦୁଲକରଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ଭାବରେ ବାଛିଥିଲେ। ପୂର୍ବରୁ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ମଧ୍ୟରୁ ବାଛିବାକୁ କୁହାଯାଇଥିଲା ସେ କୋହଲିଙ୍କୁ ବାଛିଥିଲେ। କିନ୍ତୁ ପରେ ସେ ଯସପ୍ରୀତ ବୁମରାଙ୍କୁ କୋହଲିଙ୍କଠାରୁ ଶ୍ରେଷ୍ଠ ବୋଲି ମୂଲ୍ୟାଙ୍କନ କରିଥିଲେ। ଏହା କିଛି ପ୍ରଶଂସକଙ୍କୁ, ବିଶେଷକରି କୋହଲିଙ୍କ ସମର୍ଥକମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

ନିକଟରେ ଅଶ୍ୱିନଙ୍କୁ ସର୍ବଶ୍ରେଷ୍ଠ ଭାରତୀୟ କ୍ରିକେଟର ବାଛିବାକୁ କୁହାଯାଇଥିଲା। ପ୍ରଥମେ ତାଙ୍କୁ ବିଜୟ ହଜାରେ ଏବଂ ସଚିନ ତେନ୍ଦୁଲକରଙ୍କ ନାମ କୁହାଯାଇଥିଲା। ସେ କହିଥିଲେ, ଯେହେତୁ ସେ ହଜାରେଙ୍କୁ ଖେଳିବାର ଦେଖି ନାହାଁନ୍ତି, ତେଣୁ ସେ ସଚିନଙ୍କୁ ବାଛିବେ। ପରବର୍ତ୍ତୀ ସମୟରେ ତାଙ୍କୁ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ମଧ୍ୟରୁ ବାଛିବାକୁ କୁହାଯାଇଥିଲା। ଅଶ୍ୱିନ କହିଥିଲେ, ଏହା ମୋ ପାଇଁ ସହଜ ନୁହେଁ, କିନ୍ତୁ ମୁଁ ତିନୋଟି ଫର୍ମାଟରେ କୋହଲିଙ୍କୁ ବାଛିବି।

ସେ କପିଲ ଦେବଙ୍କୁ ହରଭଜନ ସିଂଙ୍କ ଉପରେ ସ୍ଥାନ ଦେଇଥିଲେ। ସେ ସେହ୍ୱାଗଙ୍କୁ ତିନୋଟି ଫର୍ମାଟରେ ସର୍ବଶ୍ରେଷ୍ଠ ବୋଲି କହିଥିଲେ। ସେ ଏମଏସ ଧୋନୀଙ୍କୁ ରବିନ୍ଦ୍ର ଜାଡେଜାଙ୍କ ଉପରେ ରଖିଥିଲେ। ଜସପ୍ରୀତ ବୁମରା ଏବଂ ଅନିଲ କୁମ୍ବଲେଙ୍କ ମଧ୍ୟରୁ ସେ ବୁମରାଙ୍କୁ ବାଛିଥିଲେ। ଶେଷରେ ଯେତେବେଳେ ସୌରଭ ଗାଙ୍ଗୁଲିଙ୍କ ବିପକ୍ଷରେ ତାଙ୍କ ନାମ ଉଠିଲା, ସେ ଗାଙ୍ଗୁଲିଙ୍କୁ ବାଛିଲେ।

# ଟିମ୍ ଇଣ୍ଡିଆରେ ହେବ ବଡ଼ ପରିବର୍ତ୍ତନ : ବାଦ୍ ପଡ଼ିପାରନ୍ତି ୪ ଖେଳାଳି

**ନୂଆଦିଲ୍ଲୀ**

ଓଟଖ ୨୦୨୬ ଶେଷ ହେବା ପରେ ଭାରତୀୟ ଦଳ ତାର ଟେଷ୍ଟ କ୍ରିକେଟ ସିଜିନର ଏକ ଦୃଢ଼ ଆରମ୍ଭ କରିଛି। ଆଫଗାନିସ୍ତାନ ବିପକ୍ଷରେ ଏକ ମାତ୍ର ଟେଷ୍ଟ ସହଜରେ ଜିତିବା ପରେ, ଟିମ ଇଣ୍ଡିଆ ଶ୍ରୀଲଙ୍କା ଦ୍ୱାରା ଦେଖାଯାଇଥିବା କଠିନ ଚ୍ୟାଲେଞ୍ଜକୁ ସଫଳତାର ସହ ପରାସ୍ତ କରିଛି। ଯଦିଓ ଟିମ ଇଣ୍ଡିଆ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ଜିତିପାରି ନ ଥିଲା, ତଥାପି ସିରିଜକୁ ୧-୦ରେ ଜିତି ନେଇଥିଲା। ଟିମ ଇଣ୍ଡିଆର ପରବର୍ତ୍ତୀ ମିଶନ ଏବେଠାରୁ ତିନି ମାସ ପାଇଁ ସ୍ଥିର ହୋଇଛି ଏବଂ ଅତି କମରେ ଚାରି ଜଣ ଖେଳାଳି ସେହି ଟେଷ୍ଟ ସିରିଜରୁ ବଞ୍ଚିତ ହୋଇପାରନ୍ତି।

ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଅଭିଯାନର ଅଂଶ ଭାବରେ ଚାରୋଟି ଟେଷ୍ଟ ସିରିଜ ଖେଳିସାରିଥିବା ଭାରତୀୟ ଦଳର ପରବର୍ତ୍ତୀ କାର୍ଯ୍ୟ ନ୍ୟୁଜିଲାଣ୍ଡ ବିପକ୍ଷରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସିରିଜ ନ୍ୟୁଜିଲାଣ୍ଡରେ ଖେଳାଯିବ। ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ନଭେମ୍ବର ୧୯ରେ ଆରମ୍ଭ ହେବାକୁ ଯାଉଛି। ଭାରତୀୟ ଦଳ ୬ ବର୍ଷରୁ ଅଧିକ ସମୟ ପରେ ଦେଶ ଗସ୍ତ କରିବ। ଫଳସ୍ୱରୂପ, ଏହା ଦଳର ଅଧିକାଂଶ ଖେଳାଳିଙ୍କ ପାଇଁ ଏକ ନୂତନ




ଅଭିଜ୍ଞତା ହେବ।

ଅଧିନାୟକ ଶୁବମନ ଗିଲ ମଧ ପ୍ରଥମ ଥର ପାଇଁ ନ୍ୟୁଜିଲାଣ୍ଡରେ ଗୋଟିଏ ଟେଷ୍ଟ ମ୍ୟାଚ ଖେଳିବେ। ତଥାପି, ଶ୍ରୀଲଙ୍କା ଗସ୍ତ ପାଇଁ ଦଳରେ ଥିବା ଅତି କମରେ ଚାରି ଜଣ ଖେଳାଳିଙ୍କୁ ନ୍ୟୁଜିଲାଣ୍ଡ ଗସ୍ତ କରୁଥିବା ଦଳରୁ ବାଦ ଦିଆଯାଇପାରେ। ଏହାର କାରଣ ମଧ୍ୟରେ ନ୍ୟୁଜିଲାଣ୍ଡର ଖେଳ ପରିସ୍ଥିତି, ଶ୍ରୀଲଙ୍କା ଗସ୍ତ ସମୟରେ ପ୍ରଦର୍ଶନ ଏବଂ ଆଘାତରୁ କିଛି ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନ ସାମିଲ ଅଛି।

ନ୍ୟୁଜିଲାଣ୍ଡରେ ଟେଷ୍ଟ ମ୍ୟାଚ ୱେଲିଂଟନ ଏବଂ ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଏହି ସ୍ଥାନଗୁଡ଼ିକ ଦ୍ରୁତ ବୋଲରଙ୍କ ପାଇଁ ଉପଯୁକ୍ତ। ଫଳସ୍ୱରୂପ, ଦଳ ପେସ ବୋଲରଙ୍କ ଉପରେ ଭାରୀ ହେବାର ସମ୍ଭାବନା ଅଛି। ଏହାକୁ ଦୃଷ୍ଟିରେ ରଖି ବାମହାତୀ ସ୍ପିନର କୁଲଦୀପ ଯାଦବ ଏବଂ କଲମ୍ବୋ ଟେଷ୍ଟରେ ଡେବ୍ୟୁ କରିଥିଲେ ସ୍ପିନର ସାରାଂଶ ଜୈନ ବାଦ ଦିଆଯିବ। ଭାରତୀୟ ଦଳ ଏପର୍ଯ୍ୟନ୍ତ ଅତି କମରେ ଦୁଇ ଜଣ ସ୍ପିନରଙ୍କୁ ବଜାୟ ରଖିବ। ରବିନ୍ଦ୍ର ଜାଡେଜାଙ୍କ ସ୍ଥାନ ନିଶ୍ଚିତ, ଏବଂ ଆଘାତରୁ ସୁସ୍ଥ ହେବା ପରେ ୱାଶିଂଟନ ସୁନ୍ଦର ଫେରିବା ଆଶା କରାଯାଉଛି। ମାନବ ସୁଥାର ନ୍ୟୁଜିଲାଣ୍ଡରେ ଖେଳିବା ଅସମ୍ଭବ ହେଲେ, ସେ ଦଳରେ ସ୍ଥାନ ସୁରକ୍ଷିତ କରିବାର ଦୃଢ଼ ସମ୍ଭାବନା ଅଛି।

ଅନୁକୂଳ ପରିସ୍ଥିତି ସତ୍ତ୍ୱେ, ଦ୍ରୁତ ବୋଲର ଆକିବ ନବିଙ୍କୁ ମଧ ବାହାରେ ବସିବାକୁ ପଡ଼ିପାରେ। ଜସପ୍ରୀତ ବୁମରାଙ୍କ ଆଘାତ ପରେ ନବିଙ୍କୁ ଶ୍ରୀଲଙ୍କା ସିରିଜ ପାଇଁ ଚୟନ କରାଯାଇଥିଲା। କିନ୍ତୁ ସେ ଡେବ୍ୟୁ କରିବାର ସୁଯୋଗ ପାଇ ନ ଥିଲେ। ଏହି ସିରିଜ ପାଇଁ ବୁମରା ପୂର୍ଣ୍ଣ ଫିଟନେସରେ ଫେରିବେ ବୋଲି ଆଶା କରାଯାଉଛି। ତାଙ୍କ ସହିତ ନିଶ୍ଚିତ ଭାବରେ ମହମ୍ମଦ ସିରାଜ ଏବଂ ପ୍ରସିଦ୍ଧ କ୍ରିଷ୍ଣା ଯୋଗ ଦେବେ। ଚତୁର୍ଥ ଦ୍ରୁତ ବୋଲର ଭାବେ ଗୁରନୂର ବ୍ରାରଙ୍କୁ ପ୍ରାଥମିକତା ଦିଆଯିବାର ସମ୍ଭାବନା ଅଛି। ହର୍ଷିତ ରାଣା ମଧ ଫିଟ ହେଲେ ଫେରିବେ ବୋଲି ଆଶା କରାଯାଉଛି। ଫଳସ୍ୱରୂପ, ନବିଙ୍କୁ ତାଙ୍କର ଡେବ୍ୟୁ ପାଇଁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିପାରେ।

ବ୍ୟାଟିଂ ଲାଇନଅପ ସମ୍ପର୍କରେ, ନ୍ୟୁଜିଲାଣ୍ଡ ଗସ୍ତରେ ସରଫରାଜ ଖାନଙ୍କ ପାଇଁ ସ୍ଥାନ ମିଳିବା କଷ୍ଟକର। ନ୍ୟୁଜିଲାଣ୍ଡର ସ୍ୱିଙ୍ଗ ଏବଂ ବାଉନ୍ସ ପରିସ୍ଥିତିରେ ସରଫରାଜଙ୍କ ବ୍ୟାଟିଂ କିପରି ହେବ ସେ ବିଷୟରେ ସନ୍ଦେହ ଅଛି। ଏହି ପରିସ୍ଥିତିରେ, ଭାରତୀୟ ଦଳ ବ୍ୟାଟିଂ ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀଙ୍କୁ ବାଛିପାରେ।

# କ୍ରିକେଟରୁ ସନ୍ନ୍ୟାସ ପରେ ବି ମାସକୁ ୩୪ ଲକ୍ଷ କମାନ୍ତି ଧୋନୀ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ମହେନ୍ଦ୍ର ସିଂହ ଧୋନୀ ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇଥିଲେ। ତେବେ କ୍ରିକେଟରୁ ଦୂରେଇବା ପରେ ମଧ ତାଙ୍କ ରୋଜଗାରରେ କୌଣସି ବ୍ରେକ୍ ଲାଗିନାହିଁ। ଆଇପିଏଲ୍ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ଏବଂ ବିଭିନ୍ନ ବ୍ୟବସାୟ ତାଙ୍କ ଆୟର ପ୍ରମୁଖ ଉତ୍ସ। ଏହା ବ୍ୟତୀତ ବିସିସିଆଇ ପକ୍ଷରୁ ମଧ ତାଙ୍କୁ ପ୍ରତିମାସରେ ପେନସନ ମିଳୁଛି।

ଧୋନୀ ଭାରତ ପାଇଁ ୯୦ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି। ବିସିସିଆଇର ବର୍ତ୍ତମାନର ପେନସନ ବ୍ୟବସ୍ଥା ଅନୁଯାୟୀ, ୨୫ କିମ୍ବା ତା'ଠାରୁ ଅଧିକ ଟେଷ୍ଟ ଖେଳିଥିବା ପୂର୍ବତନ ପୁରୁଷ କ୍ରିକେଟରଙ୍କୁ ପ୍ରତିମାସରେ ୭୦,୦୦୦ ଟଙ୍କା ପେନସନ ଦିଆଯାଏ। ଏହି ହିସାବରେ ଧୋନୀ ମଧ ଏହି ବର୍ଗରେ ଆସୁଛନ୍ତି।

ଅର୍ଥାତ୍ ବିସିସିଆଇରୁ ଧୋନୀଙ୍କୁ ପ୍ରତିମାସରେ ୭୦ ହଜାର ଟଙ୍କା ପେନସନ ମିଳୁଛି। ତେବେ ତାଙ୍କ ମୋଟ ଆୟ ତୁଳନାରେ ଏହି ରାଶି ଅତ୍ୟନ୍ତ କମ।

ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ପରେ ମଧ ଧୋନୀ ଆଇପିଏଲରେ ଖେଳୁଛନ୍ତି। ୨୦୨୬ ଆଇପିଏଲ୍ ସିଜନ ପାଇଁ ଚେନ୍ନାଇ ସୁପର କିଙ୍ଗ୍ସ ତାଙ୍କୁ ୪ କୋଟି ଟଙ୍କାରେ ରିଟେନ କରିଛି।

ଯଦି ୪ କୋଟି ଟଙ୍କାକୁ ୧୨ ମାସରେ ବାଣ୍ଟି ହିସାବ କରାଯାଏ, ତେବେ ଏହା ପ୍ରତିମାସ ପ୍ରାୟ ୩୩.୩ ଲକ୍ଷ ଟଙ୍କା ହେବ। ତେବେ ଏହା କେବଳ ବୁଝିବା ପାଇଁ ହାରାହାରି ହିସାବ। ଆଇପିଏଲ୍‌ର ଏହି ଟଙ୍କା ବାସ୍ତବରେ ପୂରା ସିଜନ୍‌ର କନ୍ଟ୍ରାକ୍ଟ ଭାବେ ମିଳିଥାଏ। ଏହା ବ୍ୟତୀତ ୨୦୨୬ ଆଇପିଏଲ୍‌ରେ ଖେଳାଳିଙ୍କ ପାଇଁ ମ୍ୟାଚ ଫି ମଧ ଲାଗୁ ହେଉଛି। ତେଣୁ ଧୋନୀ କେତେଟି ମ୍ୟାଚ ଖେଳୁଛନ୍ତି, ତାହା ଅନୁଯାୟୀ ତାଙ୍କ ଆୟରେ ପରିବର୍ତ୍ତନ ହୋଇପାରେ।

# କ୍ୟାପଟେନ୍ସି ଯିବା ପରେ ପ୍ରଥମଥର ବଡ଼ ରାଜ୍ ଖୋଲିଲେ ସୂର୍ଯ୍ୟକୁମାର

**ନୂଆଦିଲ୍ଲୀ**

ଭାରତୀୟ ଟି-୨୦ ଦଳର କ୍ୟାପଟେନ୍ସି ହରାଇବା ଏବଂ ଏହା ପରେ ଦଳରୁ ବାଦ ପଡ଼ିବା ନେଇ ପ୍ରଥମଥର ପାଇଁ ଖୋଲାଖୋଲି ମୁହଁ ଖୋଲିଛନ୍ତି ସୂର୍ଯ୍ୟକୁମାର ଯାଦବ। ୨୦୨୬ ଟି-୨୦ ବିଶ୍ୱକପରେ ଭାରତକୁ ଚାମ୍ପିଅନ କରାଇବା ପରେ ମଧ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଏହା ପରେ ଶ୍ରେୟସ ଆୟରଙ୍କୁ ଟି-୨୦ ଦଳର ନୂଆ ଅଧିନାୟକ କରାଯାଇଛି।

ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରାଙ୍କ ସହ ଆଲୋଚନା ସମୟରେ ସୂର୍ଯ୍ୟକୁମାର ଏହି ପୂରା ଘଟଣାକ୍ରମ ନେଇ ନିଜ ମନର କଥା କହିଛନ୍ତି।



ସୂର୍ଯ୍ୟକୁମାର ସ୍ୱୀକାର କରିଛନ୍ତି ଯେ କ୍ୟାପଟେନ୍ସି ହରାଇବାର ନିଷ୍ପତ୍ତି ତାଙ୍କୁ ନିରାଶ କରିଥିଲା। ତାଙ୍କ ନେତୃତ୍ୱରେ ଭାରତ ଭଲ ପ୍ରଦର୍ଶନ କରୁଥିବା ଏବଂ ବଡ଼ ଟୁର୍ଣ୍ଣାମେଣ୍ଟ ଜିତୁଥିବା ସମୟରେ ହଠାତ୍ ନେତୃତ୍ୱରେ ପରିବର୍ତ୍ତନ ତାଙ୍କ ପାଇଁ ସହଜ ନଥିଲା। ତେବେ ସେ ଏହି ନିଷ୍ପତ୍ତି ଉପରେ ତୁରନ୍ତ କୌଣସି ପ୍ରତିକ୍ରିୟା ଦେଇନଥିଲେ। ଚୟନକର୍ତ୍ତାମାନଙ୍କ ନିଷ୍ପତ୍ତିକୁ ସମ୍ମାନ କରିବାକୁ ସେ ଚାହୁଁଥିଲେ। ତାଙ୍କ ମତରେ ଟିମ ମ୍ୟାନେଜମେଣ୍ଟ ଯେଉଁ ନିଷ୍ପତ୍ତି ନେଇଛି, ନିଶ୍ଚିତ ଭାବେ ଦଳର ହିତକୁ ଧ୍ୟାନରେ ରଖି ନେଇଥିବ।

ସୂର୍ଯ୍ୟକୁମାର କହିଛନ୍ତି ଯେ ଦଳ ଘୋଷଣା ହେବାର ପ୍ରାୟ ୨ରୁ ୩ ଦିନ ପୂର୍ବରୁ ଚୟନକର୍ତ୍ତାମାନେ ତାଙ୍କୁ ଫୋନ କରିଥିଲେ। ଏହି ଫୋନ୍‌ରେ ତାଙ୍କୁ ଆଗାମୀ ସିରିଜ ପାଇଁ ଦଳରେ ଚୟନ କରାଯିବ ନାହିଁ ବୋଲି ପୂର୍ବରୁ ଜଣାଇ ଦିଆଯାଇଥିଲା।

ଏହି ଆଲୋଚନା ସମୟରେ ସେ ଚୟନକର୍ତ୍ତାମାନଙ୍କୁ ଦଳରେ ରଖିବା ପାଇଁ କୌଣସି ଅନୁରୋଧ କରିନଥିଲେ। ନିଷ୍ପତ୍ତିକୁ ସ୍ୱୀକାର କରି ଆଗକୁ ବଢ଼ିବାକୁ ସେ ନିଷ୍ପତ୍ତି ନେଇଥିଲେ।

ନୂଆ ଟି-୨୦ ଅଧିନାୟକ ଶ୍ରେୟସ ଆୟରଙ୍କୁ ନେଇ ମଧ ସୂର୍ଯ୍ୟକୁମାର ନିଜ ମତ ରଖିଛନ୍ତି। ସେ କହିଛନ୍ତି ଯେ ଶ୍ରେୟସଙ୍କ ସହ ସେ ଦୀର୍ଘ ସମୟ ଧରି କ୍ରିକେଟ ଖେଳିଛନ୍ତି ଏବଂ ସେ ଜଣେ ଭଲ ଖେଳାଳି ହେବା ସହ ଭଲ ଅଧିନାୟକ ମଧ ହୋଇପାରିବେ ବୋଲି ସେ ଜାଣନ୍ତି।

ତେଣୁ କ୍ୟାପଟେନ୍ସି ଶ୍ରେୟସଙ୍କୁ କାହିଁକି ଦିଆଗଲା, ସେଥିପାଇଁ ସୂର୍ଯ୍ୟକୁମାରଙ୍କର କୌଣସି ଅସନ୍ତୋଷ ନାହିଁ। ତାଙ୍କୁ ଅଧିକ ଯାହା କଷ୍ଟ ଦେଇଥିଲା, ତାହା ହେଉଛି ଯେଉଁ ଦଳ ସହ ସେ ଦୀର୍ଘ ସମୟ କାମ କରିଥିଲେ ଏବଂ ସଫଳତା ହାସଲ କରିଥିଲେ, ସେହି ଦଳରୁ ହଠାତ୍ ତାଙ୍କ ରାସ୍ତା ଅଲଗା ହୋଇଯିବା।

ଦଳରୁ ବାଦ୍ ପଡ଼ିବା ପରେ ମଧ ସୂର୍ଯ୍ୟକୁମାର ଭାଙ୍ଗି ପଡ଼ିନାହାନ୍ତି। ଭାରତୀୟ ଦଳକୁ ଫେରିବା ପାଇଁ ସେ କଠିନ ପରିଶ୍ରମ କରୁଥିବା କହିଛନ୍ତି। ତାଙ୍କ ମତରେ ନିଜ ଉପରେ ଧ୍ୟାନ ଦେଇ ପରିଶ୍ରମ ଜାରି ରଖିଲେ ସୁଯୋଗ ମିଳିବା ସମୟରେ ସବୁକିଛି ଠିକ ହୋଇପାରେ।

# ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ଆରମ୍ଭ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ କ୍ରୀଡ଼ା ଦିବସ-୨୦୨୬ ପାଳନ ଉପଲକ୍ଷେ 'ଖେଳିବ ଭାରତ, ଜିତିବ ଭାରତ' ବିଷୟବସ୍ତୁକୁ ନେଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନଙ୍କ ମିଳିତ ଆନୁକୂଲ୍ୟରେ ବାରିପଦା ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଲେଭେଲ୍ ୩.୦ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ଏବଂ ଆନ୍ତଃବିଭାଗୀୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ଆରମ୍ଭ ହୋଇଛି । କାର୍ଯ୍ୟକ୍ରମର ଶୁଭାରମ୍ଭରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇ ଆନୁଷ୍ଠାନିକ ଭାବେ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍‌ର ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଅବସରରେ ଶ୍ରୀ ନାୟକ କହିଥିଲେ ଯେ, କ୍ରୀଡ଼ା କେବଳ ପଦକ ଜିତିବାର ମାଧ୍ୟମ ନୁହେଁ; ଏହା ଶୃଙ୍ଖଳା, ଧୈର୍ଯ୍ୟ, ନେତୃତ୍ୱ, ଦଳଗତ ମନୋଭାବ ଓ ସକାରାତ୍ମକ ଚିନ୍ତାଧାରା ବିକାଶର ଏକ ପ୍ରଭାବଶାଳୀ ମାଧ୍ୟମ । ଯୁବପିଢ଼ି




କ୍ରୀଡ଼ାକୁ କେବଳ ମନୋରଞ୍ଜନରେ ସୀମିତ ନରଖି ନିଜର ପ୍ରତିଭା ବିକାଶ ଓ ଭବିଷ୍ୟତ କ୍ୟାରିୟର ଗଠନର ଏକ ପ୍ରମୁଖ କ୍ଷେତ୍ର ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏଥିସହିତ, ପ୍ରତ୍ୟେକ ପ୍ରତିଯୋଗୀ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବା ସହିତ ବିଜୟ ଓ ପରାଜୟକୁ କ୍ରୀଡ଼ାସୁଲଭ ମନୋଭାବରେ ଗ୍ରହଣ କରି ନିରନ୍ତର ଉନ୍ନତି ପାଇଁ ପ୍ରୟାସ କରିବା ଉଚିତ ବୋଲି ସେ କହିଥିଲେ ।

ଲେଭେଲ୍ ୩.୦ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିୟନସିପ୍‌ର ସିଙ୍ଗଲ୍ସ ବର୍ଗରେ ୪୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ସେହିପରି ଆନ୍ତଃବିଭାଗୀୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍‌ରେ ୧୬ଟି ଡବଲ୍ସ ଦଳ ଅଂଶଗ୍ରହଣ କରୁଛନ୍ତି । ଦୁଇଦିନିଆ ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଆସନ୍ତାକାଲି, ୨୯ ଅଗଷ୍ଟରେ ଅନୁଷ୍ଠିତ ହେବ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜୁନିୟର ଫୁଟବଲ୍ କୋଚ୍ ତଥା ସ୍ପୋର୍ଟସ୍ ହଷ୍ଟେଲ୍, ବାରିପଦାର କୋଚ୍-ଇନ୍-ଚାର୍ଜ ଅବନୀ ମୋହନ ମହାନ୍ତି, ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍‌ର ସମ୍ପାଦକ ବିଭୂତି ଭୂଷଣ ଦାସ ଏବଂ ଆନ୍ତର୍ଜାତୀୟ ରଗ୍‌ବୀ ରେଫରୀ ଦିବ୍ୟରଞ୍ଜନ ଦାସ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶିଶିର କୁମାର ମୁନ୍ଦୁୟା କାର୍ଯ୍ୟକ୍ରମର ସମନ୍ୱୟ ଓ ପରିଚାଳନା କରିଥିଲେ। ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ ଏବଂ ଇଣ୍ଡୋର ଷ୍ଟାଡିୟମ୍‌ର ସମସ୍ତ କର୍ମଚାରୀ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ନାରୀ ସଶକ୍ତିକରଣ ଅଭିଯାନକୁ ନୂତନ ଗତି ପ୍ରଦାନ କରୁଛି ସୁଭଦ୍ରା ଯୋଜନା

**ରାଉରକେଲା**
**ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟର ମହିଳାମାନଙ୍କୁ ସରକାରଙ୍କ ତରଫରୁ ରକ୍ଷା ବନ୍ଧନର ଭେଟି ସ୍ୱରୂପ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ସର୍ବବୃହତ ମହିଳା କଲ୍ୟାଣକାରୀ ଯୋଜନା 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ଟଙ୍କା ସିଧାସଳଖ ଭାବେ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପ୍ରେରଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଉରକେଲା ମହାନଗର ନିଗମ ତରଫରୁ ସ୍ଥାନୀୟ ଉଦିତନଗର ସ୍ଥିତ ଆମ ପାଠାଗାର ପରିସରରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ବିଧାୟକ ରଘୁନାଥପାଲି ଦୁର୍ଗା ଚରଣ ତନ୍ତୀ ଓ ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନାରୀ ସଶକ୍ତିକରଣର ଅଭିଯାନକୁ ସାକାର କରିଥିବା ସୁଭଦ୍ରା ଯୋଜନା ଆଜି ନାରୀ ସମାଜକୁ ନୂତନ ଶକ୍ତି ଦେବା ସହ ସେମାନଙ୍କୁ ଉଦ୍ୟୋଗୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ମତ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ଶ୍ରୀମତୀ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ଉପ ପୌରାୟୁକ୍ତ ଅନୀତା ନାଏକ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସହ ତିନୋଟି ସମନ୍ୱିତ ଶିଶୁ ବିକାଶ ଯୋଜନାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଆରଏମସି କର୍ମଚାରୀ ଓ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ଏସଏଚଜି ମହିଳା ଓ ସୁଭଦ୍ରା ଯୋଜନାର ହିତାଧିକାରୀମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ଜିଲ୍ଲାର ୩ ଲକ୍ଷ ୮୦ ହଜାର ମହିଳାଙ୍କୁ ମିଳିଲା ସୁଭଦ୍ରା ଟଙ୍କା

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ମହିଳାଙ୍କ ସ୍ୱାଭିମାନ ସ୍ୱାବଲମ୍ବନ ଓ ଆର୍ଥିକ ସଶକ୍ତିକରଣ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ସୁଭଦ୍ରା ଯୋଜନାରେ ୩ ଲକ୍ଷ ୮୦ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସହାୟତା ପ୍ରଦାନ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ୫ମ କିସ୍ତି ସଂସ୍କୃତି ଭବନଠାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କେନ୍ଦ୍ରାପଡା ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍‌ଙ୍କ ଅଧକ୍ଷତାରେ ଜିଲ୍ଲା ସମାଜ ମଙ୍ଗଳ



ଅଧିକାରିଣୀ ସୁଷୁମା ମହାନ୍ତିଙ୍କ ତତ୍ତ୍ୱବଧାନରେ କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କର ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ପରିବାରର ଆର୍ଥିକ ପ୍ରଗତିରେ ସେମାନଙ୍କର ଅଧିକ ସକ୍ରିୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ପବିତ୍ର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଡିପିସି ଏବଂ ପିଏମ୍‌ଏମ୍‌ଭିୱାଇ ମମତା ମନୋରଞ୍ଜନ ଦାସ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ଜିଲ୍ଲାର ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ୀ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଞ୍ଜୟ ପାତ୍ର, ରଜନୀକାନ୍ତ ଦାସ, ସୁରୁଜୁ ମୁନି ହନ୍ଦା, ସୁନିତା ବେହେରା, ସୁନିଲ୍ ମଲ୍ଲିକ, ଲଲାଟେନ୍ଦୁ ଭୋଇ, ଜ୍ୟୋତିର୍ମୟୀ, ସବିତାରାଣୀ ସିଂ, ଭାରତୀ ବେହେରା, ଶୁଭେନ୍ଦୁ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଜନ୍ମପୀଠ ବରପାଲିରେ ସ୍ୱଭାବ କବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ବରଗଡ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର କ୍ଲବ ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଜୟନ୍ତୀ ବରପାଲି କଲ୍ୟାଣ ମଣ୍ଡପ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର କ୍ଲବ ସଭାପତି ନରେନ୍ଦ୍ର କୁମାର ହୋତାଙ୍କ ସଭାପତିତ୍ୱ କରିଥିବାବେଳେ ଡ. ଘନଶ୍ୟାମ ପାଣିଗ୍ରହୀଙ୍କ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଂପାଦକ ବରିଷ୍ଠ ସାମ୍ବାଦିକ ବାଳକିଶୋର ଖାଡ଼ଙ୍ଗା ବିବରଣୀ ପାଠ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି,ଉଚ୍ଚ ଶିକ୍ଷା, କ୍ରିଡା ଓ ଯୁବ ବାଭାଗ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ଯୋଗଦାନ କରି ସ୍ୱଭାବ କବିଙ୍କ ସାହିତ୍ୟରେ ପ୍ରକୃତିର ବିଭିନ୍ନ ରୂପର ଚିତ୍ରଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। କବି ତାଙ୍କ ରଚନାରେ ପ୍ରକୃତିର ସୌନ୍ଦର୍ଯ୍ୟ ସହିତ ତାହାର ଭୟଙ୍କର ଓ ତାଣ୍ଡବ ରୂପକୁ ମଧ ଅତ୍ୟନ୍ତ ଜୀବନ୍ତ ଭାବରେ ଉପସ୍ଥାପନ କରିଛନ୍ତି। ପ୍ରକୃତିର ଶାନ୍ତ, ସୁନ୍ଦର ଓ ମନୋହର ରୂପ ଯେପରି ତାଙ୍କ କବିତାରେ ସ୍ଥାନ ପାଇଛି, ସେହିପରି ଝଡ଼, ବର୍ଷା, ବନ୍ୟା ଓ ପ୍ରକୃତିର ରୁଦ୍ର ରୂପ ମଧ ତାଙ୍କ ସୃଜନଶୀଳ ଦୃଷ୍ଟିରୁ ବାଦ ପଡ଼ିନାହିଁ।

ମନ୍ତ୍ରୀ କହିଥିଲେ ଯେ, ସ୍ୱଭାବ କବିଙ୍କ ପ୍ରକୃତି ପ୍ରେମ କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ସୀମିତ ନଥିଲା। ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ସେ ନିଜ ସାହିତ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ତାଙ୍କ କବିତାରେ ଗଛଲତା, ନଦୀ, ପାହାଡ଼, ଝରଣା, ଆକାଶ, ମାଟି, ଋତୁ ପରିବର୍ତ୍ତନ ଓ ପ୍ରାକୃତିକ ପରିବେଶ ଏକ ସଜୀବ ଚରିତ୍ରର ରୂପ ନେଇଥାଏ। ଏହା ତାଙ୍କର ପ୍ରକୃତି ପ୍ରତି ଗଭୀର ଅନୁରାଗ ଓ ସମ୍ବେଦନଶୀଳ ମନୋଭାବର ପରିଚୟ ଦିଏ। ଏଥିସହିତ ସ୍ୱଭାବ କବିଙ୍କ 'ବସୁଧୈବ କୁଟୁମ୍ବକମ୍' ଭାବଧାରା ଉପରେ ମଧ ନିଜର ମତ ରଖିଥିଲେ। ସାରା ବିଶ୍ୱକୁ ଗୋଟିଏ ପରିବାର ଭାବେ ଦେଖିବାର ମହାନ ଚିନ୍ତାଧାରା କବିଙ୍କ ସାହିତ୍ୟରେ ପ୍ରତିଫଳିତ ହୋଇଥିବା ସେ ଉଲ୍ଲେଖ କରିଥିଲେ। ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଅଞ୍ଚଳର ସୀମାକୁ ଅତିକ୍ରମ କରି ସମଗ୍ର ମାନବ ସମାଜ ପ୍ରତି ଭାଇଚାରା, ପ୍ରେମ, ସହାନୁଭୂତି ଓ ମାନବିକତାର ବାର୍ତ୍ତା ଦେବା ଥିଲା କବିଙ୍କ ସାହିତ୍ୟର ମୂଳ ଉଦ୍ଦେଶ୍ୟ। ଐତିହ୍ୟ ସୁରକ୍ଷା ଓ ପର୍ଯ୍ୟଟନ ବିକାଶକୁ ଗୁରୁତ୍ୱ ଦେଇ 'ବରପୁତ୍ର ଐତିହ୍ୟ ଗ୍ରାମ' ଭାବେ ବିକଶିତ କରିବାକୁ ୧୫ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ମନ୍ତ୍ରୀ କହିଥିଲେ । ଏହି ଅର୍ଥରେ ବ୍ୟାଖ୍ୟାନ କେନ୍ଦ୍ର, ସଂଗ୍ରହାଳୟ ସମେତ ବିଭିନ୍ନ ଐତିହ୍ୟ ପ୍ରକଳ୍ପ ବିକଶିତ କରାଯିବ। ଏହାଦ୍ୱାରା ବରପାଲି ଆଗାମୀ ଦିନରେ ଓଡ଼ିଶାର ସାହିତ୍ୟ ଓ ଐତିହ୍ୟ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ର ହେବ ବୋଲି ଆଶା ପ୍ରକାଶ ପାଇଛି।

# ମଦକୁ ନା କହି ଭାଇ ହାତରେ ରାକ୍ଷୀ ବାନ୍ଧିଲେ ଭଉଣୀମାନେ

**ଜଳେଶ୍ୱର,**
**ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ନଛିମପୁର ପଞ୍ଚାୟତର ଆମ୍ବଳିଅଠା ଶିବ ମନ୍ଦିର ଆଗରେ ସମ୍ବାଦ-ଆମଓଡ଼ିଶା ମିଳିତ ଆନୁକୂଲ୍ୟରେ ଓ ଆମ୍ବଳିଅଠା ୪ ନମ୍ବର ମଞ୍ଚ ଏବଂ ଅନ୍ନପୂର୍ଣ୍ଣା ମଞ୍ଚରେ ସଦସ୍ୟ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହଯୋଗରେ ରକ୍ଷାବନ୍ଧନ ଓ ନିଶାକୁ ନାଁ ଶୁଭ ମନାସି ଭଉଣୀମାନେ ଭାଇ ହାତରେ ରାଖି ବାନ୍ଧି ଶୁଭ କାମନା କରିଛନ୍ତି ।ସାହିତ୍ୟ ଘର ଜଳେଶ୍ୱର ଶାଖା ସଭାପତି ତଥା ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାସ ଏଥିରେ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ, ମୁଖ୍ୟ ବକ୍ତା ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଯୋଗଦେଇ ପବିତ୍ର ରକ୍ଷା ବନ୍ଧନ ପର୍ବରେ ନିଶାକୁ ନାଁ କରି ଏହି ଅଭିଯାନରେ ସାମିଲ ହେବାକୁ କହିଥିଲେ। ମୁଖ୍ୟ ଅତିଥି ଶ୍ରୀ ବାରିକ ତାଙ୍କ ବକ୍ତବ୍ୟରେ ଏକ ମହତ୍ୱପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରି କହିଲେ ମା ମାନଙ୍କୁ ଯେ ଆପଣ ପିଲାମାନଙ୍କୁ ଆଦୌ ମୋବାଇଲ ଦିଅନ୍ତୁ ନାହିଁ। ମୋବାଇଲ ଦେବା ଦ୍ୱାରା ପିଲାମାନଙ୍କ ଭବିଷ୍ୟତ ନଷ୍ଟ ହେବା ସହିତ ତାଙ୍କର ମେରୁଦଣ୍ଡ ର ସମସ୍ୟା ଦେଖା ଦିଏ ବୋଲି ଶ୍ରୀ ବାରିକ କହିଥିଲେ ।ଅନ୍ୟତମ ଅତିଥି ଭାବେ ସମ୍ବାଦ ସାହିତ୍ୟଘର ଜଳେଶ୍ୱର ଶାଖାର ସମ୍ପାଦକ ଡ. ଅଜିତ କୁମାର ମହାନ୍ତି, ବିଶିଷ୍ଟ ନାରୀନେତ୍ରୀ ରାଧାରାଣୀ ପାତ୍ର, ପ୍ରାକ୍ତନ ଅଧ୍ୟାପିକା ଇନ୍ଦୁମତୀ ଗିରି, କଂଗ୍ରେସ ନେତା ସୁଦାମ ଚରଣ ପାତ୍ର, କବି ରଞ୍ଜନ କୁମାର ଘୋଷ, ପ୍ରଭାତ କୁମାର କୁଅଁର, ଆଇନଜୀବୀ ସତ୍ୟନାରାୟଣ ଦାସ, ଜଳେଶ୍ୱର ବିକାଶ ପରିଷଦର ସମ୍ପାଦକ ମନୋରଞ୍ଜନ ଦାସ, ଅନନ୍ତ କୁମାର ଦାସ, ଝାଡ଼େଶ୍ୱର ବ୍ରହ୍ମ, ପ୍ରଶାନ୍ତ କୁମାର ଜେନା, ସାମ୍ବାଦିକ ଅର୍ଜୁନ ଚରଣ ସିଂହ, ସବିତା ପାତ୍ର, କବୟିତ୍ରୀ କମଳ କାମିନୀ ଦେ, କବି ସୁଶିଲ କୁମାର ମାହାନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆମ୍ବଳିଅଠା ଗାଁର ୫୦ ରୁ ଅଧିକ ମହିଳା ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ଦୀର୍ଘାୟୁ କାମନା କରିଥିଲେ।



# ସାହିତ୍ୟ ମାସିକୀ : 'ପରୀକ୍ଷା ନିରୀକ୍ଷା ମଞ୍ଚ ନାଟକକୁ ଭାରାକ୍ରାନ୍ତ କରେ'




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନାଟକର ଚରିତ୍ରମାନେ ଆମ ପରିବେଶ ଓ ସମାଜରୁ ଆସନ୍ତି । ରଚନା, ମଞ୍ଚସଜ୍ଜା ଓ ନିର୍ଦ୍ଦେଶନା ହିଁ ମଞ୍ଚ ନାଟକକୁ ଗୁରୁତ୍ୱ ଦିଏ । ପରୀକ୍ଷାନିରୀକ୍ଷାର ଜଟିଳତା ନାଟକକୁ ଭାରାକ୍ରାନ୍ତ କରିଥାଏ ବୋଲି ନାଟ୍ୟକାର ଭାବଗ୍ରାହୀ ଦାଶ ମତ ଦେଇଛନ୍ତି । ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଜୟଦେବ ଭବନ ରେ ଅନୁଷ୍ଠିତ'ସାହିତ୍ୟ ମାସିକୀ'ରେ ଯୋଗ ଦେଇ ଶ୍ରୀ ଦାଶ ମଞ୍ଚକୁ ନାଟକର ପ୍ରୟୋଗଶାଳା ଭାବରେ ଅଭିହିତ କରି ତାଙ୍କ ନାଟ୍ୟ ଯାତ୍ରାର ବିସ୍ତୃତ ବିବରଣୀ ଦେଇଥିଲେ । ରାଜ୍ୟରେ ମଞ୍ଚ ନାଟକର ପ୍ରସାର ପାଇଁ ସରକାରଙ୍କ ଅନେକ କିଛି କରିବାର ଅଛି ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ 'ଏ ମାସର କଥାକାର' ଭାବରେ ଯୋଗ ଦେଇ ତରୁଣ ଲେଖିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ସ୍ୱରଚିତ ଗଳ୍ପ ପାଠ କରିଥିଲେ । ପରେ ଜୟଶ୍ରୀ ପଟ୍ଟନାୟକ ଓ ଗୀତାଞ୍ଜଳି ଦଳେଇଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଜୟ ମହାପାତ୍ର,ରତ୍ନପ୍ରଭା ବାଇ, ଜଗନ୍ନାଥ ନାୟକ, ଗୋଲକ ରାଉତ, ଅଶୋକ ସିଂହ, କୁମୁଦିନୀ ଜୀ, ପ୍ରିୟରଞ୍ଜନ ସାହୁ, ମାନିନୀ ଜେନା, ଶ୍ୟାମାକିଙ୍କର ମହାନ୍ତି, ବିଦ୍ୟୁତପ୍ରଭା ଗନ୍ତାୟତ, ପ୍ରମୋଦ ପ୍ରଧାନ, ସୁସ୍ମିତା ମହାପାତ୍ର, ପବିତ୍ର ମୋହନ ବାରିକ, ସଞ୍ଜୁଲତା ପଟ୍ଟନାୟକ, ଚିତ୍ତରଞ୍ଜନ ବର୍ମା, ମନମୋହନ ମିଶ୍ର, ଇତିଶ୍ରୀ ପତି, କାର୍ତ୍ତିକ ସ୍ୱାଇଁ, ମିହିରକାନ୍ତି ଦାଶ,ନୃସିଂହ ତରାଇ, ରଜନୀକାନ୍ତ ପଟ୍ଟନାୟକ, ନଗେନ ନାୟକ, ପ୍ରଦ୍ୟୁମ୍ନ ପଟ୍ଟନାୟକ ପ୍ରମୁଖ ଲେଖା ପାଠ କରିଥିଲେ । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ ।ସଭାପତି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ନାଟ୍ୟକାରଙ୍କ ସହିତ ଡ଼. ସୁଶାନ୍ତ ଷଡ଼ଙ୍ଗୀ କଥାବାର୍ତ୍ତା କରିଥିଲେ।


## ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର

# ହାସ୍ୟବ୍ୟଙ୍ଗ ପୁସ୍ତକ 'କିସ ପୁଣି ଦେଖା ନଯାଏ' ଲୋକାର୍ପିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ହସ ମଣିଷର ରକ୍ଷାକବଚ କାରଣ ହସ ହିଁ ପରିବର୍ତ୍ତନ କରିଦେଇପାରେ ସମାଜକୁ। ହସ ବ୍ୟକ୍ତିରେ ମନରେ ସୃଷ୍ଟି ହୁଏ ଓ ଶରୀର ମାଧ୍ୟମରେ ଆତ୍ମପ୍ରକାଶ କରେ। ହସ ମଣିଷ ମନରୁ ଦୁର୍ଗୁଣକୁ ଦୂରେଇ ନେଇ ସୁସ୍ଥ ସୁନ୍ଦର ପରିବେଶ କରାଇବାରେ ସମର୍ଥ ହେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ମିଳିତ ଆନୁକୂଲ୍ୟରେ ୨୧୯ତମ ଆଲୋଚନାଚକ୍ର 'ମୁକ୍ତଚିନ୍ତନ ମଞ୍ଚ'ର ସଭାପତି ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର 'ହାସ୍ୟମେବ ଜୟତେ' ସଭା ଉଦ୍‌ଘାଟନ କରି କହିଲେ ଯେ ଶାରୀରିକ, ମାନସିକ ଓ ସାମାଜିକ କ୍ଷେତ୍ରରେ ହାସ୍ୟର ଉପଯୋଗିତା ବୈଜ୍ଞାନିକ ଦୃଷ୍ଟିକୋଣରୁ ପ୍ରମାଣିତ ହୋଇଛି । ବର୍ତ୍ତମାନ ସମୟରେ ଆଧାତ୍ମିକ କ୍ଷେତ୍ରରେ ମଧ୍ୟ ହାସ୍ୟଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେ ବୈଜ୍ଞାନିକ ଦୃଷ୍ଟିକୋଣରୁ କହିଲେ ଯେ ପେଟ ଫଟାଇବା ଭଳି ହସ ମାଂସପେଶୀକୁ ସକ୍ରିୟ ରଖେ, ହୃତପିଣ୍ଡର ଗତି ବଢ଼ାଇ, ଶ୍ୱାସପ୍ରଶ୍ୱାସକୁ ଗଭୀରତର କରେ ଓ ଅମ୍ଳଜାନର ବିନିମୟକୁ ବୃଦ୍ଧି କରେ। 'ଖେଳ ଓ ବ୍ୟାୟାମ' ଭଳି ହସ ମଧ୍ୟ ଶରୀରର ଉପକାର କରିଥାଏ।




ଏହି ସଭା ଆରମ୍ଭରେ ପୀତବାସ ରାଉତରାୟଙ୍କ ଦ୍ୱାରା ଲିଖିତ ତଥା ଚିତ୍ରଶିଳ୍ପୀ ବଳଦେବ ମହାରଥୀଙ୍କ ଦ୍ୱାରା ଅଙ୍କିତ ପ୍ରଚ୍ଛଦପଟ୍ଟ ଅଙ୍କିତ, ଜଗନ୍ନାଥ ରଥ ପ୍ରକାଶନ ଦ୍ୱାରା ପ୍ରକାଶିତ ହାସ୍ୟବ୍ୟଙ୍ଗପୂର୍ଣ୍ଣ ପୁସ୍ତକ 'କିସ ପୁଣି ଦେଖା ନଯାଏ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

ମୁଖ୍ୟଅତିଥି 'ନିତିଦିନ'ର ସମ୍ପାଦକ ଶ୍ରୀ ମନୋଜ କୁମାର ମହାପାତ୍ର ନବରସ ମଧ୍ୟରେ ହାସ୍ୟ ଏକ ରସ ଭାବରେ ଗଣା ହୋଇ ଓଡ଼ିଆ ସାହିତ୍ୟରେ ଫକୀରମୋହନ ସେନାପତି, ଗୋପାଳ ଚନ୍ଦ୍ର ପ୍ରହରାଜ ଆଦି ଲେଖକଙ୍କ ଉଦାହରଣ ଦେଇ ହାସ୍ୟବ୍ୟଙ୍ଗ ମାଧ୍ୟମରେ କିଭଳି ସମାଜ ସଂସ୍କାର ଆଣିପାରିଥିଲେ ତାହାର ଉଦାହରଣ ଦେଇଥିଲେ। ବିଶ୍ୱସାହିତ୍ୟର ବହୁ ହାସ୍ୟବ୍ୟଙ୍ଗ ଲେଖକ ସମେତ ପୁରାଣ ତଥା ରାମକୃଷ୍ଣ ପରମହଂସଙ୍କ ଉଦାହରଣ ଦେଇ କହିଥିଲେ ଯେ ହାସ୍ୟବ୍ୟଙ୍ଗ ମାଧ୍ୟମରେ ଆନନ୍ଦ ପ୍ରଦାନ ସହ ସମାଜ ସଂସ୍କାର ଏକ ମହତ ଉଦ୍ଦେଶ୍ୟ ରହିଆସିଛି। ସେ ଉନ୍ମୋଚିତ ପୁସ୍ତକରୁ କିଛି ଉଦାହରଣ ଦେଇ ଲେଖକଙ୍କ ସମାଜ ସଂସ୍କାର ସମ୍ପର୍କରେ ମଧ୍ୟ ମନ୍ତବ୍ୟ ଦେଇଥିଲେ। ଓଡ଼ିଆ ସାହିତ୍ୟରେ 'ଡଗର' ଓ 'ନିଆଁଖୁଣ୍ଟା'ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମତ ଦେଇଥିଲେ।

ମୁଖ୍ୟବକ୍ତା ଅଧ୍ୟାପକ ବିଶ୍ୱରଂଜନ ବ୍ୟଙ୍ଗ ଓ ହାସ୍ୟରସକୁ ନେଇ ଜୀବନର ରଙ୍ଗରସ ବୋଲି ଉଲ୍ଲେଖ କରି ଆଗକାଳରେ ରାଜାରାଜୁଡ଼ା ଅମଳରେ ହାସ୍ୟରସ ପରିବେଷଣ ପାଇଁ ବିଦୂଷକର ଭୂମିକା ସମ୍ବନ୍ଧରେ ଅବଗତ କରାଇଥିଲେ। ସେହିପରି ସର୍କସ, ଯାତ୍ରା, ଡ୍ରାମା, ଚଳଚ୍ଚିତ୍ରମାନଙ୍କରେ ହାସ୍ୟରସ ଜନପ୍ରିୟ ହୋଇପାରିଅଛି ତାହାର ଉଦାହରଣ ଦେଇଥିଲେ ଏପରିକି ଚିତ୍ରକଳାରେ କାର୍ଟୁନ୍ କିପରି ଗୁରୁଗମ୍ଭୀର ବିଷୟକୁ ବ୍ୟଙ୍ଗମାଧ୍ୟମରେ ଚିତ୍ରାୟିତ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରେ ବୋଲି ସୂଚାଇ ଥିଲେ। ସେ ଲେଖକଙ୍କ ଗପର ଉଦାହରଣ ଦେଇ କହିଲେ ଯେ ତାଙ୍କ ବ୍ୟଙ୍ଗରେ ସମାଜ ପାଇଁ ବାର୍ତ୍ତା ଥିବାରୁ ତା'ର ଆଦର ବହୁଦିନ ଧରି ପାଠକଙ୍କ ମନରେ ବସାବାନ୍ଧି ରହିବ। ଓଡ଼ିଆ ସାହିତ୍ୟରେ ହାସ୍ୟବ୍ୟଙ୍ଗର ଏକ ଉନ୍ନତ ପରମ୍ପରା ଲାଳିକା, ନିର୍ମଳ ହାସ୍ୟରସ, ବ୍ୟଙ୍ଗବିଦ୍ରୁପ, କୌତୁକ ଓ ରମ୍ୟରଚନା ମାଧ୍ୟମରେ ଗତି କରିଚାଲିଛିବୋଲି ବକ୍ତବ୍ୟ ରଖିଥିଲେ। ଆଜିକାଲି ବ୍ୟଙ୍ଗକବି ମାନଙ୍କର ବ୍ୟଙ୍ଗ କବିତା ଆସର ହାସ୍ୟ ଓ ବ୍ୟଙ୍ଗକୁ ଆହୁରି ଲୋକପ୍ରିୟ କରିପାରିଛି ବୋଲି ମତ ଦେଇଥିଲେ।

ସଭା ପ୍ରାରମ୍ଭରୁ ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ ଓ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଆରମ୍ଭରୁ ମଧୁସ୍ମିତା ବିଶ୍ୱାଳ, ମିନତୀ ମିଶ୍ର ଓ ରଶ୍ମିତା ବିଶ୍ୱାଳ ଭକ୍ତିସଂଗୀତ ପରିବେଷଣ କରିଥିଲେ।

ସଭାରେ ଅସିତ୍ ମହାନ୍ତି, ଅଭୟ କୁମାର ନାୟକ, ଅକ୍ଷୟ କୁମାର ମିଶ୍ର, କୁସୁମ ପଟେଲ, ମିନାକ୍ଷୀ ରାଉତରାୟ, ନିଶାକର ରାଉତ, ମଞ୍ଜୁଳା ତ୍ରିପାଠୀ, କଳ୍ପନା ରଥ, ବିରଜା ଶତପଥୀ ଆରତୀ କର ଭାଗ ନେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହିଳା ବିରୋଧୀ...

ହେଉଥିବାରୁ 'ଦାଦା ବଟି' ଓ ବେଆଇନ ଜୋର-ଜବରଦସ୍ତି ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟକୁ ୨୦୨୯ ସୁଦ୍ଧା ସମ୍ପୂର୍ଣ୍ଣ 'ନିଶାମୁକ୍ତ ଓଡ଼ିଶା'ରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ। କେବଳ ଜବତ ଓ ଗିରଫଦାରୀରେ ସୀମିତ ନରହି, ନିଶାଦ୍ରବ୍ୟ ଓ ବେଆଇନ ଚାଲାଣର ମୂଳ ଯୋଗାଣ ଶୃଙ୍ଖଳା ଏବଂ ଆର୍ଥିକ ସିଣ୍ଡିକେଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ନିଶା କାରବାର ବନ୍ଦ ହେଲେ ରାଜ୍ୟରେ ଅପରାଧ ହାର ଯଥେଷ୍ଟ ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ତଟରେଖାର ସୁରକ୍ଷା ଓ ସାମୁଦ୍ରିକ ସୀମା ଦେଇ ହେଉଥିବା ଅନୁପ୍ରବେଶକୁ ରୋକିବା ପାଇଁ ଓଡ଼ିଶା ପୋଲିସ ଗ୍ରହଣ କରିଥିବା ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ଭୁବନେଶ୍ୱରଠାରେ 'କମାଣ୍ଡ ଆଣ୍ଡ କଣ୍ଟ୍ରୋଲ', ୧୦ଟି ଡ୍ରୋନ୍, ୫ଟି ଟ୍ରଲର, ୧୦ଟି ଆଧୁନିକ ଇଣ୍ଟରସେପ୍ଟର ବୋଟ୍ କ୍ରୟ ପ୍ରକ୍ରିୟା ଏବଂ ଏଟିଭି ମାଧ୍ୟମରେ ବେଳାଭୂମି ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇଛି। ସାମୁଦ୍ରିକ ସୁରକ୍ଷା ପାଇଁ ଏସପିଓ ଏବଂ ପୂର୍ବତନ ସେନାକର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସାଇବର ଅପରାଧ ଓ ଆର୍ଥିକ ଠକେଇ ରୋକିବା ପାଇଁ ବ୍ୟାପକ ସଚେତନତା ସହ ନୂତନ ଟେକ୍ନୋଲୋଜି ଓ 'ଡାର୍କ ୱେବ୍' ଉପରେ ନଜର ରଖିବାକୁ ପୋଲିସକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ମାଓ ହିଂସା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଥିବାରୁ ଏବଂ ଓଏସଏସଏଫ୍ ବାଟାଲିୟନ, ଆକର୍ଷଣୀୟ ଆତ୍ମସମର୍ପଣ ନୀତି ଯୋଗୁଁ ଓଡ଼ିଶାକୁ କେନ୍ଦ୍ର ଗୃହମନ୍ତ୍ରଣାଳୟ ପକ୍ଷରୁ ସମ୍ମାନିତ କରାଯାଇଥିବା ବିଷୟ ସେ ଉଲ୍ଲେଖ କରିଛନ୍ତି। ଏହାସହ ଗତ ଦୁଇ ବର୍ଷ ମଧ୍ୟରେ ପୋଲିସ ବିଭାଗରେ ୧୭,୭୯୪ଟି ନୂତନ ପଦବୀ ସୃଷ୍ଟି ଏବଂ ୫,୮୧୭ଟି ପଦବୀ ପୂରଣ କରାଯାଇଥିବା ନେଇ ସେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ,ରାଜ୍ୟରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ଓ ସଂଗଠିତ ଅପରାଧ ବିରୋଧରେ 'ଜିରୋ ଟଲରେନ୍ସ' ନୀତି କାର୍ଯ୍ୟକାରୀ କରାଯାଉଥିବା ବେଳେ ରାଜ୍ୟରେ ଦଣ୍ଡବିଧାନ ହାରକୁ ଅତି କମରେ ୭୫ ପ୍ରତିଶତକୁ ନେବା ପାଇଁ ତଦନ୍ତ ପ୍ରକ୍ରିୟାକୁ ବୃତ୍ତିଗତ ଓ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବା ଉଚିତ। 'ଡାର୍କ ୱେବ୍' ଏବଂ ସାଇବର ଠକେଇକୁ ରୋକିବା ପାଇଁ ଆଧୁନିକ ଡିଜିଟାଲ ସର୍ଭେଲାନ୍ସ ସହ ବ୍ୟାପକ ସଚେତନତା ସୃଷ୍ଟି କରିବା, ନାଟଗ୍ରିଡ୍ ଓ ସିସିଟିଏନଏସ୍ ମାଧ୍ୟମରେ ଗୁଇନ୍ଦା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଥାନାଗୁଡ଼ିକର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କାର ସ୍ୱତନ୍ତ୍ର ତଦନ୍ତ ଫଣ୍ଡ ସହ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଛି। ଏହା ସହିତ ୨୦୨୯ ସୁଦ୍ଧା 'ନିଶାମୁକ୍ତ ଓଡ଼ିଶା' ଗଠନ ପାଇଁ ନିଶା ସିଣ୍ଡିକେଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା, ଥାନାକୁ ଆସୁଥିବା ନିରୀହ ପୀଡ଼ିତଙ୍କ ସହ ସମ୍ବେଦନଶୀଳ ବ୍ୟବହାର କରି 'ପୋଲିସକୁ ଦେଖି ଅପରାଧୀ ଛାନିଆଁ ହେବେ, ନିର୍ଦ୍ଦୋଷ ନାଗରିକ ନୁହଁନ୍ତି' ବୋଲି ବାର୍ତ୍ତା ଦେବା, ପୋଲିସ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରିବା, 'କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ' ଓ ଡ୍ରୋନ୍ ମାଧ୍ୟମରେ ୫୭୫ କିଲୋମିଟର ତଟରେଖାର ସୁରକ୍ଷା ଏବଂ ବେଆଇନ ଅନୁପ୍ରବେଶ ରୋକିବା ସହ ଅସାମାଜିକ ତତ୍ତ୍ୱଙ୍କ ଜୋର-ଜବରଦସ୍ତି ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ପୋଲିସ ଅଧିକାରୀଙ୍କ ସହ ସିଧାସଳଖ ଭାବ ବିନିମୟ କରି ସେମାନଙ୍କ କାର୍ଯ୍ୟକ୍ଷେତ୍ରର ସମସ୍ୟା ଓ ଅଭିଜ୍ଞତା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ନିଷ୍ଠାର ସହ ସାଧୁତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟର ଶିଳ୍ପ ବିକାଶ ଓ ନାଗରିକଙ୍କ ସୁରକ୍ଷା ପାଇଁ ଓଡ଼ିଶା ପୋଲିସର 'ୱି ସର୍ଭ ଆଣ୍ଡ ପ୍ରୋଟେକ୍ଟ ' ସ୍ଲୋଗାନକୁ ମନେରଖି "ସୁରକ୍ଷିତ ଓଡ଼ିଶା—ସଶକ୍ତ ଓଡ଼ିଶା—ସମୃଦ୍ଧ ଓଡ଼ିଶା" ଗଠନରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ପୋଲିସ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ଜନସାଧାରଣଙ୍କ ପ୍ରତି ପୋଲିସର ସେବା ବ୍ୟବସ୍ଥାକୁ ଆହୁରି ଗୁଣାତ୍ମକ ଓ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶା ପୋଲିସକୁ ପ୍ରତିଷ୍ଠାଜନକ 'ପ୍ରେସିଡେଣ୍ଟସ୍ କଲର ଆୱାର୍ଡ ' ମିଳିଥିବାରୁ ସେ ପୋଲିସ ବାହିନୀକୁ ଆନ୍ତରିକ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି। ପୋଲିସ ବିଭାଗର ନିରନ୍ତର ନିଷ୍ଠା ଓ ଉତ୍ସର୍ଗୀକୃତ ସେବା ଯୋଗୁଁ ଆଜି ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇପାରିଛି ଏବଂ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସଫଳ ଓ ଶାନ୍ତିପୂର୍ଣ୍ଣ ପରିଚାଳନା ସମ୍ଭବ ହୋଇଛି ବୋଲି କହି ସେ ପୋଲିସ ବାହିନୀର ପ୍ରଶଂସା କରିବା ସହ ଅଶେଷ ଧନ୍ୟବାଦ ଅର୍ପଣ କରିଛନ୍ତି।

ସମ୍ମିଳନୀରେ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଗଠନମୂଳକ ପରାମର୍ଶ ଓ ଆହ୍ୱାନ ପାଇଁ କୃତଜ୍ଞତା ପ୍ରକାଶ କରିବା ସହ ଆଗାମୀ ଦିନରେ ସାଇବର ସୁରକ୍ଷା କ୍ଷେତ୍ରରେ ଅଧିକ ବ୍ୟାପକ କାର୍ଯ୍ୟ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅସାମାଜିକ କାର୍ଯ୍ୟକଳାପ ରୋକିବା, ସମ୍ବେଦନଶୀଳ ଓ ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ପୋଲିସ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବା ଏବଂ ନିଶାଦ୍ରବ୍ୟ ବେଆଇନ କାରବାର ବିରୋଧରେ ବିଶେଷ ଅଭିଯାନକୁ ଆହୁରି ଶକ୍ତିଶାଳୀ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ ପୋଲିସ ବାହିନୀ ସମ୍ପୂର୍ଣ୍ଣ ନିଷ୍ଠାର ସହ କାର୍ଯ୍ୟ କରିବ ବୋଲି ଡିଜିପି ସ୍ପଷ୍ଟ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ତଥା ପୋଲିସ ମହାନିର୍ଦ୍ଦେଶକ ଆର.ପି କୋଚେ, ପୋଲିସ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅଭିଯାନ) ସଞ୍ଜୀବ ପଣ୍ଡା ସମେତ ରାଜ୍ୟର ସମସ୍ତ ଡିଜିପି ଓ ଆଇଜିପି ଉପସ୍ଥିତ ଥିଲେ।

## ବୃହତ୍ ଶିଳ୍ପ ...

ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ଇଡକୋ, ଓଡ଼ିଶା ଖଣି ନିଗମ, ଇପିକଲ, ଟିପିସିଓଡିଏଲ ଆଦିର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ନ୍ୟାସନାଲ ଆଲୁମିନିୟମ କମ୍ପାନୀ (ନାଲକୋ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଆଦାନୀ ଗ୍ରୁପ୍ କର୍ପୋରେଟ୍ ବ୍ୟାପାର ସଭାପତିଙ୍କ ଉପସ୍ଥିତିରେ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ଭବିଷ୍ୟତ ନିବେଶ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ସରକାରୀ ସହଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ନାଲକୋ ସମ୍ପର୍କିତ ଆଲୋଚନାରେ ସ୍ମେଲ୍ଟର ଓ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଏବଂ ଉତ୍କଳ 'ଡି' ଏବଂ 'ଇ'କୋଇଲା ଖଣିଭଳି ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜମି ଅଧିଗ୍ରହଣ ଓ ହସ୍ତାନ୍ତର, ପୁନର୍ବାସ ଓ ଥଇଥାନ, ଜନ ଶୁଣାଣି, ଗ୍ରାମସଭା ଏବଂ ପ୍ରକଳ୍ପ ସହ ଜଡ଼ିତ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଆଦି ବିଷୟର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା।

ଏହାସହ ଆଦାନୀ ଗ୍ରୁପ୍‌ର ଓଡ଼ିଶାରେ ଚାଲୁଥିବା ଓ ପ୍ରସ୍ତାବିତ ବିଭିନ୍ନ ନିବେଶ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ବନ୍ଦର ଓ ବନ୍ଦର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଶକ୍ତି, ଆଲୁମିନିୟମ୍, ସିମେଣ୍ଟ, କୋଲ୍ ଗ୍ୟାସିଫିକେସନ୍, ଡାଟା ସେଣ୍ଟର, ଖଣି, ଲଜିଷ୍ଟିକ୍ସ ଭଳି ବିଭିନ୍ନ କ୍ଷେତ୍ରରେ ନିବେଶ ସୁଯୋଗ ଓ ପ୍ରକଳ୍ପ ଯୋଜନା ଉପସ୍ଥାପିତ ହୋଇଥିଲା ।ବିଶେଷକରି ଧାମରା ଓ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଆର୍ଥିକ କରିଡର ଓ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ସମ୍ପର୍କରେ ଆବଶ୍ୟକତା ଓ ସମ୍ଭାବନା ନେଇ ଆଲୋଚନା ହୋଇଥିଲା। ଜମି ଆବଶ୍ୟକତା, ଅଧିଗ୍ରହଣ, ସଡ଼କ ଓ ରେଳ ସଂଯୋଗ, ଉପକୂଳ ନିୟନ୍ତ୍ରଣ ଅଞ୍ଚଳ ସମ୍ପର୍କିତ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଆବଶ୍ୟକ ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟରେ ବୃହତ୍ ନିବେଶ ପାଇଁ ଅନୁକୂଳ ପରିବେଶକୁ ଆହୁରି ସୁଦୃଢ଼ କରିବା ସହ ନିବେଶକମାନଙ୍କୁ ଆବଶ୍ୟକ ସରକାରୀ ସହଯୋଗ ଯୋଗାଇ ଦେଇ ପ୍ରକଳ୍ପଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବୃହତ୍ ଶିଳ୍ପ ପ୍ରକଳ୍ପଗୁଡ଼ିକର ସମୟସୀମା ମଧ୍ୟରେ କାର୍ଯ୍ୟାନ୍ୱୟନ, ରାଜ୍ୟର ଶିଳ୍ପ ବିକାଶ, ନିବେଶ ବୃଦ୍ଧି, ରୋଜଗାର ସୃଷ୍ଟି ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇଥିଲେ । ପ୍ରକଳ୍ପଗୁଡ଼ିକ ସହ ଜଡ଼ିତ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗ, ନାଲକୋ, ଆଦାନୀ ଗ୍ରୁପ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରିସମୟବଦ୍ଧ ଓ ଫଳପ୍ରଦ ପଦକ୍ଷେପଗ୍ରହଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନୁଗୋଳ, କୋରାପୁଟ, ରାୟଗଡ଼ା, ମାଲକାନଗିରି, ସୁନ୍ଦରଗଡ଼, କଟକ ଓ ଭଦ୍ରକ ଆଦି ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

## କାର୍ଯ୍ୟରେ ଯୋଗଦେଲେ ...

ସଚିବ ଭାବେ ଅବସ୍ଥାପିତ ଥିଲେ । ଓଡ଼ିଶା ରାଜ୍ୟ ପରିବହନ ନିଗମ, କ୍ଯୁଟ୍ ସମେତ ବିଭିନ୍ନ ବିଭାଗରେ ସେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି।

## ଚାଷୀଙ୍କୁ ବିପଦ...

ଜିଲ୍ଲା ପାଲଲହଡ଼ା ସାନବାଗଦରୀ ଗାଁରେ ସ୍କ୍ରବ୍ ଟାଇଫସ୍ ଆତଙ୍କ ଖେଳାଇଛି। ଏଥିରେ ଜଣଙ୍କର ମୃତ୍ୟୁ ଓ ଗାଁରେ ଏକାଧିକ ଆକ୍ରାନ୍ତ ହୋଇଥିବା ଅଭିଯୋଗ ପରେ ବଢ଼ିଛି ଛନକା। ସ୍ଥିତି ସମ୍ଭାଳିବାକୁ ଗାଁରେ ପହଞ୍ଚିଛି ସ୍ୱାସ୍ଥ୍ୟ ବିଭାଗର ଟିମ୍। ଘରକୁ ଘର ସର୍ଭେଲାନ୍ସ ସହ ଲୋକଙ୍କର ରକ୍ତ ନମୁନା ପରୀକ୍ଷା କରାଯାଉଛି। ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣ ଚିକିତ୍ସାଧୀନ ଥିବା ବେଳେ ସାନବାଗଦରୀ ଗାଁରେ ୧୫ରୁ ଅଧିକ ଲୋକ ଆକ୍ରାନ୍ତ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ବୁର୍ଲାରେ ଜଣେ ରୋଗୀଙ୍କର ମୃତ୍ୟୁ ଅଭିଯୋଗ ହୋଇଥିଲା। ତାଙ୍କର ସ୍କ୍ରବ୍ ଟାଇଫସ୍ ରିପୋର୍ଟ ପଜିଟିଭ୍ ଥିଲା।

# ପ୍ରେରଣା କେନ୍ଦ୍ରରେ ରକ୍ଷାବନ୍ଧନ ଉତ୍ସବ



ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ

ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ତାର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ 'ପ୍ରକଳ୍ପ ପ୍ରେରଣା' ଅଧୀନରେ ରେଙ୍ଗାଲି ବ୍ଲକ୍ ରିସୋର୍ସ ସେଣ୍ଟରଠାରେ ଦିବ୍ୟାଙ୍ଗ ଶିଶୁମାନଙ୍କ ସହ ମହା ଆନନ୍ଦ ଓ ଉତ୍ସାହର ସହିତ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା। ପ୍ରେରଣା ହେଉଛି ଦିବ୍ୟାଙ୍ଗ ଶିଶୁମାନଙ୍କ ପୁନର୍ବାସ ଓ ବୃତ୍ତିଗତ ତାଲିମ କେନ୍ଦ୍ର। ଆଦିତ୍ୟ ଆଲୁମିନିୟମ, ଲପଙ୍ଗାର ସହଯୋଗରେ ରେଙ୍ଗାଲି ବ୍ଲକ୍ ଶିକ୍ଷା ବିଭାଗ ଏବଂ କାର୍ଯ୍ୟାନ୍ୱୟନ ସହଯୋଗୀ ସଂସ୍ଥା ସେବା ସହଭାଗିତାରେ ଏହି କେନ୍ଦ୍ର ସ୍ଥାପିତ ହୋଇଛି। ଦିବ୍ୟାଙ୍ଗ ଶିଶୁମାନଙ୍କୁ ସମଗ୍ର ସହାୟତା ପ୍ରଦାନ କରିବା ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ। କେନ୍ଦ୍ରରେ ପୁନର୍ବାସ, ଥେରାପି, ସ୍ୱତନ୍ତ୍ର ଶିକ୍ଷା, ଦକ୍ଷତା ବିକାଶ, ବୃତ୍ତିଗତ ତାଲିମ ଓ ପରାମର୍ଶ ଭଳି ବିଭିନ୍ନ ସେବା ଓ ସୁବିଧା ପ୍ରଦାନ କରାଯାଉଛି। ଏହା ମାଧ୍ୟମରେ ଶିଶୁମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସ୍ୱାବଲମ୍ବନ ଓ ଜୀବନଦକ୍ଷତା ବିକାଶ କରିବା ସହିତ ସେମାନଙ୍କ ପରିବାରକୁ ମଧ୍ୟ ସହାୟତା କରାଯାଉଛି। ଏଥିସହିତ ଦିବ୍ୟାଙ୍ଗ ଶିଶୁମାନଙ୍କ ପାଇଁ ଏକ ସମାବେଶୀ ଓ ସହଯୋଗୀ ପରିବେଶ ସୃଷ୍ଟି କରିବା ମଧ୍ୟ ଏହି ପଦକ୍ଷେପର ଲକ୍ଷ୍ୟ। ଭାଇ ଓ ଭଉଣୀଙ୍କ ମଧ୍ୟରେ ଥିବା ସ୍ନେହ, ସମ୍ମାନ, ଏକତା, ସମାବେଶ ଏବଂ ନିବିଡ଼ ସମ୍ପର୍କର ମହତ୍ତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରକ୍ଷାବନ୍ଧନ ଉତ୍ସବ ଆୟୋଜନ କରାଯାଇଥିଲା। ଶିଶୁମାନେ ଉତ୍ସବରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଏକ ଆନନ୍ଦମୟ, ଉଷ୍ମ ଓ ସମାବେଶୀ ପରିବେଶରେ ଉତ୍ସବର ଆନନ୍ଦ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମର ଉପ ପ୍ରବନ୍ଧକ ଶ୍ରୀଯୁକ୍ତ ମନୋରଞ୍ଜନ ବେହେରା, ସିଏସ୍‌ଆର ମୁଖ୍ୟ ରବି ନିୱାସ ଏବଂ ବରିଷ୍ଠ ନାଗରିକ ଆସୋସିଏସନ୍‌ର ସଭାପତି ଅନ୍ତର୍ଯ୍ୟାମୀ ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱପୂର୍ଣ୍ଣ କରିଥିଲା ଏବଂ ଯତ୍ନ, ସ୍ନେହ ଓ ସହାନୁଭୂତିର ପ୍ରକୃତ ଭାବନା ସହିତ ଉତ୍ସବ ପାଳନ କରିବା ପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଥିଲା। ପ୍ରେରଣା କେନ୍ଦ୍ରରେ ଆୟୋଜିତ ରକ୍ଷାବନ୍ଧନ ଉତ୍ସବ ଏକ ଆନନ୍ଦମୟ ଓ ସ୍ମରଣୀୟ ପରିବେଶରେ ସମାପ୍ତ ହୋଇଥିଲା। ଏହି ଅବସର ସମସ୍ତଙ୍କ ମଧ୍ୟରେ ଏକତା ଓ ଭାଇଚାରାର ଭାବନାକୁ ଆହୁରି ସୁଦୃଢ଼ କରିଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ଏହି ବାର୍ତ୍ତା ଦିଆଯାଇଥିଲା ଯେ, ପର୍ବପର୍ବାଣୀ କେବଳ ଆନନ୍ଦ ଉତ୍ସବ ପାଳନର ଅବସର ନୁହେଁ, ବରଂ ମାନବୀୟ ସମ୍ପର୍କକୁ ସୁଦୃଢ଼ କରିବା, ସମାବେଶୀ ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ସମାଜରେ ଖୁସି, ସ୍ନେହ ଓ ସହାନୁଭୂତି ବିସ୍ତାର କରିବାର ଏକ ସୁନ୍ଦର ସୁଯୋଗ।

## ଖୋର୍ଦ୍ଧା ରୋଡ୍ ମଣ୍ଡଳର ୫ଟି ପ୍ରମୁଖ ଷ୍ଟେସନରେ ପାର୍ସଲ୍ ସ୍କାନର୍ ମେସିନ୍ ସ୍ଥାପନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ପାଂଚଟି ପ୍ରମୁଖ ରେଳ ଷ୍ଟେସନ୍—ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, କଟକ ଓ ବ୍ରହ୍ମପୁରରେ ଆଧୁନିକ ପାର୍ସଲ୍ ସ୍କାନର୍ ମେସିନ୍ ସ୍ଥାପନ କରାଯାଇଛି। ପୂର୍ବତଟ ରେଳପଥର ପ୍ରଧାନ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ ଶ୍ରୀମତୀ ରୀତା ରାଜ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ କୁମାର ଏସ୍.ଙ୍କ ଉପସ୍ଥିତିରେ ଭୁବନେଶ୍ୱର ପାର୍ସଲ୍ କାର୍ଯ୍ୟାଳୟଠାରେ ଏହି ପାର୍ସଲ୍ ସ୍କାନର୍ ମେସିନ୍‌ର ଉଦ୍‌ଘାଟନ କରିଥିଲେ। ନୂତନ ଭାବେ ସ୍ଥାପିତ ଏହି ସ୍କାନର ଗୁଡ଼ିକ ପାର୍ସଲ୍ ର ସୂକ୍ଷ୍ମ ଯାଂଚ କରିବା ସହ ଦହନଶୀଳ ଓ ଅଗ୍ନି-ବିପଜ୍ଜନକ ସାମଗ୍ରୀ, ବାଣ, ବିସ୍ଫୋରକ, ବେଆଇନ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ଚିହ୍ନଟ କରିବାରେ ସହାୟକ ହେବ। ଏହା ରେଳ ପାର୍ସଲ୍ ପରିଚାଳନାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ। ଏହି ୫ଟି ପ୍ରମୁଖ ଷ୍ଟେସନରେ ସ୍କାନିଂ ସୁବିଧାର ଆରମ୍ଭ ଟ୍ରେନ୍ ଯୋଗେ ବିପଜ୍ଜନକ ଓ ନିଷିଦ୍ଧ ସାମଗ୍ରୀର ପରିବହନ ରୋକିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ରେଳ କର୍ମଚାରୀମାନଙ୍କୁ ପାର୍ସଲ୍‌ର ଅଧିକ ନିରାପଦ, ସୁରକ୍ଷିତ ଓ ଦକ୍ଷତାର ସହ ପରିଚାଳନା କରିବାରେ ସହାୟତା କରିବ। ପାର୍ସଲ୍ ସ୍କାନର ର ଶୁଭାରମ୍ଭ ରେଳ ବାଣିଜ୍ୟିକ ପରିଚାଳନାରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବା ଦିଗରେ ଆଉ ଏକ ପ୍ରଶଂସନୀୟ ପଦକ୍ଷେପ। ଏହା ପ୍ରମୁଖ ଷ୍ଟେସନଗୁଡ଼ିକରେ ପାର୍ସଲ୍‌ର ଅଧିକ ଦକ୍ଷ, ନିରାପଦ ଓ ସୁରକ୍ଷିତ ଯାଂଚ ଏବଂ ପରିଚାଳନାରେ ବିଶେଷ ଯୋଗଦାନ କରିବ। ଏହି ପଦକ୍ଷେପ ରେଳ ପାର୍ସଲ୍ ବ୍ୟବସ୍ଥାର ସୁରକ୍ଷା ଢାଂଚାକୁ ସୁଦୃଢ଼ କରିବା ସହ ଯାତ୍ରୀମାନଙ୍କ ନିରାପତ୍ତାକୁ ଆହୁରି ବୃଦ୍ଧି କରିବ। ରେଳ ନେଟୱାର୍କ ମାଧ୍ୟମରେ ବିପଜ୍ଜନକ ଓ ନିଷିଦ୍ଧ ସାମଗ୍ରୀର ପରିବହନକୁ ରୋକିବା ଦ୍ୱାରା ଯାତ୍ରୀମାନଙ୍କ ପାଇଁ ଏକ ଅଧିକ ନିରାପଦ ଓ ଭୟମୁକ୍ତ ଯାତ୍ରା ପରିବେଶ ସୃଷ୍ଟି କରାଯାଇପାରିବ।

**OFFICE OF THE ANUGOLA MUNICIPALITY, ANUGOLA**
**No. 3348 Date 28-08-26**
**TENDER CALL NOTICE**
**13001/1693/2627**

Sealed tenders in prescribed form are invited from the specified class of contractors registered with Govt. of Orissa for the following works. The tender document for the work will be available from the office of the Executive Officer, Angul Municipality during the office hours in the working-day in shape of cash of required amount as mentioned against the work (Non-refundable) from dt.**31.08.2026 to 07.09.2026** up to **5.00 P.M.** The tenderers should deposit the E.M.D. at the rate of 1% of the estimated cost as indicated in shape of cash deposit T.D/Postal saving pass book duly pledged in favour of Executive Officer, Angul Municipality along with the tender documents. The tender will be received up to **12.30 P.M** on dt.**08.09.2026** in the office of the Executive Officer, Angul Municipality. The tender will be opened on **08.09.2026** at **1.00 P.M.** in the presence of the tenderers or their authorized agents if present. The valid RC,PAN card & GSTIN should be accompanied with the tender documents. All other detail information can be available from the office of the Executive Officer, Anugola Municipality The authority reserves the right to reject any or all tenders without assigning any reason thereof.

| Sl. No | Name of the work | Estimated amount (excluding GST) | Cost of tender paper (Non-refundable) | E.M.D (In Rs.) | Class of Contract | Time of completion |
|---|---|---|---|---|---|---|
| 1 | 2 | 3 | 4 | | 5 | 6 |
| 01 | Repairing of boundary wall back side of MCC and MRF near Mishrapada chhaka | Rs.1,13,604.00 | Rs.600/- | Rs.1150/- | 'D' & 'C' Class | One month |
| 02 | Construction of culvert near SDJM quarter at ward No.18 | Rs.1,68,802.00 | Rs.600/- | Rs.1700/- | -do- | -do- |
| 03 | Construction of road from culvert infront of Amruta Nandini Mohanty to Ambedkar Nagar main road ward No.6 | Rs.2,54,258.00 | Rs.2000/- | Rs.2550/- | -do- | -do- |
| 04 | Development of choukini bandha ward No.7 of Angul Municipality | Rs.4,20,266.00 | Rs.2000/- | Rs.4250/- | -do- | -do- |
| 05 | Construction of drain from OTDC boundary to PWD road at Amalapada in ward No.20 | Rs.4,22,211.00 | Rs.2000/- | Rs.4250/- | -do- | -do- |
| 06 | Construction of drain from B.H.S house to A.K.S. house ward No.4 | Rs.4,23,051.00 | Rs.2000/- | Rs.4250/- | -do- | -do- |
| 07 | Construction of three nos of vending zone near Fruit market in ward No.21 | Rs.4,22,482.00 | Rs.2000/- | Rs.4250/- | -do- | -do- |
| 08 | Construction of four nos of vending zone near Kadam padia boundary wall in ward no.21 | Rs.4,23,469.00 | Rs.2000/- | Rs.4250/- | -do- | -do- |
| 09 | Development of front area of vending zone near fruit market in ward No.21 | Rs.4,23,514.00 | Rs.2000/- | Rs.4250/- | -do- | -do- |

OIPR-13001/13085/1/26-27/0012
Executive Officer
Anugola Municipality

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
**Tel.No.06724-223485, mail-rwssjspur@gmail.com**
**25001/1045/2627**

**e-Procurement Notice**

Letter No....2375 Date 28/08/20

The e-tender invited vide this office BID identification No. 25 of 2026-27 with letter No. 2261 /dt. 11.08.2026 for Construction of 3 nos solar Energy based PWS with 5000 ltr Capacity HDPE storage Tank with a staging Height of 6 mtrs is hereby cancelled due to unavoidable circumstances.

OIPR-25001/25024/1/26-27/0003
Superintending Engineer
RWS&S Division. Jagatsinghpur

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଏହା ଅବଗତ କରାଇ ଦିଆଯାଉଅଛି ଯେ, **ବ୍ୟାଙ୍କ ଅଫ ବରୋଦା, ବକ୍ସି ବଜାର୍ ଶାଖା, କଟକ, ମେସର୍ସ ଆଦିତ୍ୟ କ୍ରାଫ୍ଟ ଏବଂ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍** ର ଅନୁରୋଧ କ୍ରମେ **ଶ୍ରୀ ବିବେକାନନ୍ଦ ବେହେରା,** ପିତା: ୰ ବ୍ରଜକିଶୋର ବେହେରାଙ୍କ ନାମରେ ଥିବା ନିମ୍ନଲିଖିତ ସମ୍ପତ୍ତି: ମୌଜା: ସୌରିଆ, ଥାନା: ଗୁରୁଡିଝାଟିଆ, ତହସିଲ: ଆଠଗଡ, ଜିଲ୍ଲା: କଟକ, ପିନ-୭୫୪୦୨୮, କୁ ଋଣ ସୁବିଧା ପାଇଁ ବନ୍ଧକ ହିସାବରେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଅଛି। ଯଦି କାହାର ନିମ୍ନ ଦର୍ଶିତ ସମ୍ପତ୍ତି ଉପରେ କୌଣସି ପ୍ରକାରର ମାଲିକାନା/ଅଧିକାର/ଦାବି/ସ୍ୱାର୍ଥ ରହିଥାଏ, ସେମାନେ **୧୦ ଦିନ** ମଧ୍ୟରେ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ନିଜ ଦାବିକୁ ପ୍ରମାଣିତ କରିବା ନିମନ୍ତେ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି।

ଯଦି, **୧୦ ଦିନ** ମଧ୍ୟରେ କୌଣସି ଉତ୍ତର ନମିଳେ ତେବେ ଏହା ଅନୁମାନ କରାଯିବ ଯେ ଏହି ସମ୍ପତ୍ତି ଉପରେ କାହାର କୌଣସି ପ୍ରକାରର ଅଧିକାର/ଦାବି/ ଏନକମ୍ବ୍ରାନ୍ସେସ୍ ନାହିଁ ଏବଂ ବ୍ୟାଙ୍କ ଏହି ବନ୍ଧକ ଉପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ।

**ସମ୍ପତ୍ତିର ବିବରଣୀ-୧: ଶ୍ରୀ ବିବେକାନନ୍ଦ ବେହେରା,** ପିତା: ୰ ବ୍ରଜକିଶୋର ବେହେରାଙ୍କ ନାମରେ ଏବଂ ମେସର୍ସ ଆଦିତ୍ୟ କ୍ରାଫ୍ଟ ଆଣ୍ଡ ପେପର୍ସ ପ୍ରାଇଭେଟ ଲିମିଟେଡ୍ ଲିଜ୍‌ରେ ଥିବା ସମ୍ପତ୍ତି ଯାହାର ମୌଜା: ସୌରିଆ, ଥାନା: ଗୁରୁଡିଝାଟିଆ, ତହସିଲ: ଆଠଗଡ, ଏସ୍‌ଆରଓ: ଆଠଗଡ, ଜିଲ୍ଲା: କଟକ, ପିନ-୭୫୪୦୨୮ ଏବଂ **୧)** ଖାତା ନଂ.: ୨୬୮/୧୩୯, ପ୍ଲଟ୍ ନଂ.: ୩୭୬/୧୦୪୮/୧୩୦୧, କ୍ଷେତ୍ର: ଏକର୧.୫୦୦ଡିସିମିଲି, **୨)** ଖାତା ନଂ.: ୨୬୮/୧୩୮, ପ୍ଲଟ୍ ନଂ.: ୩୭୬/୧୦୪୮/୧୩୦୦, କ୍ଷେତ୍ର: ଏକର୧.୫୦୦ଡିସିମିଲି, **୩)** ଖାତା ନଂ.: ୨୬୮/୧୪୦, ପ୍ଲଟ୍ ନଂ.: ୩୭୬/୧୦୪୮/୧୩୦,କ୍ଷେତ୍ର: ଏକର ୧.୫୦୦ ଡିସିମିଲି, **ସମୁଦାୟ ୩ଟି ଖାତା, ୪ଟି ପ୍ଲଟ୍ ଏବଂ ସମୁଦାୟ କ୍ଷେତ୍ର: ଏକର ୪.୫୦୦ଡିସିମିଲି**

**ସମ୍ପତ୍ତିର ବିବରଣୀ-୨: ଶ୍ରୀମତୀ ନିରୂପମା ବେହେରା,** ସ୍ୱାମୀ: ବିବେକାନନ୍ଦ ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାରୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: କନ୍ହେଇପୁର, ଥାନା: କଟକ ସଦର, ତହସିଲ: କଟକ ଏସ୍‌ଆରଓ: କଟକ, ଜିଲ୍ଲା: କଟକ, ଖାତା ନଂ.: ୨୪୨/୮୭୩, ପ୍ଲଟ୍ ନଂ.: ୧୭୨/୧୬୪୪, କ୍ଷେତ୍ର: ଏକର୦.୨୦୦ଡିସିମିଲି, ଉତ୍ତର: ପ୍ଲଟ୍ ନଂ.: ୧୨୭, ଦକ୍ଷିଣ: ବିକ୍ରେତାଙ୍କ ପ୍ଲଟର ଅବଶିଷ୍ଟ ଅଂଶ, ପୂର୍ବ: ପ୍ଲଟ୍ ନଂ.: ୧୬୯, ପଶ୍ଚିମ: କ୍ରେତା ନିଜେ, ଖାତା ନଂ.: ୨୪୨/୮୩୧, ପ୍ଲଟ୍ ନଂ.: ୧୭୨/୧୬୦୧, କ୍ଷେତ୍ର: ଏକର୦.୧୨୧ଡିସିମିଲି, ଉତ୍ତର: ପ୍ଲଟ୍ ନଂ.: ୧୨୭, ଦକ୍ଷିଣ: କେନାଲର ଧାର, ପୂର୍ବ: ବିକ୍ରେତାଙ୍କ ନିଜର, ପଶ୍ଚିମ: ବିକ୍ରେତାଙ୍କ ନିଜର, ଖାତା ନଂ.: ୨୪୨/୮୩୨, ପ୍ଲଟ୍ ନଂ.: ୧୭୨/୧୬୬୦, କ୍ଷେତ୍ର: ଏକର୦.୧୨୧ଡିସିମିଲି, ଉତ୍ତର: ପ୍ଲଟ୍ ନଂ.:୧୨୭, ଦକ୍ଷିଣ: ନଦୀର ଧାର , ପୂର୍ବ: କ୍ରେତାଙ୍କ ଦ୍ୱାରା କ୍ରୟ, ପଶ୍ଚିମ: ଚନ୍ଦ୍ରଶେଖର ପଣ୍ଡା, ଖାତା ନଂ.: ୨୪୨/୫୫୯,ପ୍ଲଟ୍ ନଂ.: ୧୭୨/୧୩୭୪, କ୍ଷେତ୍ର: ଏକର୦.୪୮୭ ଡିସିମିଲ, ଉତ୍ତର: ନଦୀ,ଦକ୍ଷିଣ: ରାସ୍ତା,ପୂର୍ବ: ଆଜି କ୍ରୟ ହୋଇଥିବା ପ୍ଲଟ, ପଶ୍ଚିମ: ଭରତ ପଣ୍ଡା ଏବଂ ଭାଗୀ ପଣ୍ଡାଙ୍କ ପ୍ଲଟ୍‌ର ଅବଶିଷ୍ଟ ଅଂଶ, ଖାତା ନଂ.: ୨୪୨/୪୬୯, ପ୍ଲଟ୍ ନଂ.: ୧୭୨/୧୩୫୯, କ୍ଷେତ୍ର: ଏକର୦.୩୬୫ଡିସିମିଲି, ଉତ୍ତର: ଧ୍ରୁବ ପଣ୍ଡା, ଦକ୍ଷିଣ: କେନାଲର ଧାର, ପୂର୍ବ: ବ୍ରହ୍ମାନନ୍ଦ ପଣ୍ଡା ଏବଂ ଅନ୍ୟମାନେ, ପଶ୍ଚିମ: କରୁଣାକର ପଣ୍ଡା, **ସମୁଦାୟ ୫ଟି ଖାତା, ୫ଟି ପ୍ଲଟ୍ ଏବଂ ସମୁଦାୟ କ୍ଷେତ୍ର: ଏକର୧.୨୯୪ଡିସିମିଲି ଅର୍ଥାତ୍ ୫୬୩୬୬ ବର୍ଗଫୁଟ**

**ଶାଖା: ବ୍ୟାଙ୍କ ଅଫ୍ ବରୋଦା, ବକ୍ସି ବଜାର୍ ଶାଖା, କଟକ, ଯୋଗାଯୋଗ ନଂ.: ୭୦୭୭୭୨୭୦୮୨ଙ୍କ ସହ ଯୋଗାଯୋଗ କରନ୍ତୁ।**

# ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କୁ ଭେଟିଲେ ଏଫଆଇସି, ଇଣ୍ଡିଆର ପ୍ରତିନିଧି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଓଡ଼ିଶାରେ ଏକ ୟୁନିଟ୍ ସ୍ଥାପନ ପାଇଁ ଆଲୋଚନା କରିଛନ୍ତି ଏଫ୍‌ଆଇସି ଇଣ୍ଡିଆର ପ୍ରତିନିଧି ଦଳ । ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରତିନିଧିମାନଙ୍କ ସହ ଆଲୋଚନା ଅବସରରେ ଓଡ଼ିଶାରେ କୃଷି କ୍ଷେତ୍ରରେ ରସାୟନିକ ସାରର ବ୍ୟବହାର ହ୍ରାସ କରିବା ସହ ଜୈବିକ କୃଷିକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯାଉଥିବା ପ୍ରକାଶ କରିଥିଲେ । ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ଓ କୃଷକମାନଙ୍କ ସମସ୍ୟାର ନିରନ୍ତର ସମାଧାନ ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ ଉଲ୍ଲେଖ କରିଥିଲେ । ଏହି ଅବସରରେ ଓଡ଼ିଶାରେ କୃଷକମାନଙ୍କୁ ସମର୍ଥନ ଦେବା ନିମନ୍ତେ ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ସହ ରାଜ୍ୟରେ ନିରନ୍ତର କୃଷି ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା । ସାରର ଉପଯୁକ୍ତ ଏବଂ ଯଥାଯଥ ବ୍ୟବହାର କରି ମୃତ୍ତିକାର ଗୁଣବତ୍ତା ଓ ପୁଷ୍ଟିସାର ପରିଚାଳନା ସୁନିଶ୍ଚିତ କରିବା ଉପରେ ଏଫ୍‌ଆଇସି ଗୁରୁତ୍ୱ ଦେଇଥାଏ ବୋଲି ପ୍ରତିନିଧିମାନେ ଉଲ୍ଲେଖ କରିଥିଲେ । ଓଡ଼ିଶାରେ ଏଫ୍‌ଆଇସି ପ୍ରତିଷ୍ଠା ହେଲେ ଏହା ବିଶ୍ୱର ଦ୍ୱିତୀୟ କେନ୍ଦ୍ର ହେବ ବୋଲି ପ୍ରତିନିଧିମାନେ କହିଥିଲେ। ଏଥି ସହ ଓଡ଼ିଶାରେ ଏକ ଫର୍ଟିଲାଇଜର୍ ଏକାଡେମୀ ପ୍ରତିଷ୍ଠା ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏହି ଏକାଡେମୀ ପ୍ରତିଷ୍ଠା ହେଲେ ରାଜ୍ୟରେ କୃଷି କ୍ଷେତ୍ରରେ ନବସୃଜନ ନିମନ୍ତେ ପଥ ପ୍ରଶସ୍ତ ହେବ । ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଜାଧବ, କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍‌ସେନାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଭୁବନେଶ୍ୱର, ୩୦ ଅଗଷ୍ଟ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିର ଗର୍ଭଗୃହରେ ମୂଷା-ଅସରପାଙ୍କ ଦୌରାତ୍ମ୍ୟ : ଶ୍ରୀଅଙ୍ଗ ସୁରକ୍ଷା ନେଇ ଚିନ୍ତା

**ପୁରୀ ୨୯।୮ ନ୍ୟୁଜ ବ୍ୟୁରୋ**



ଶ୍ରୀମନ୍ଦିରରେ ମୂଷା ଓ ଅସରପାଙ୍କ ପ୍ରାଦୁର୍ଭାବ ପୁଣିଥରେ ଆରମ୍ଭ ହୋଇଯାଇଛି । ମହାପ୍ରଭୁ ନିଦ୍ରାରେ ଯିବା ସମୟରେ ମୂଷା ଓ ଅସରପା ମହାପ୍ରଭୁଙ୍କ ନିଦ୍ରାରେ ବାଧା ସୃଷ୍ଟି କରୁଛନ୍ତି । ଗର୍ଭଗୃହରେ ମୂଷା ଓ ଅସରପାଙ୍କ ଦୌରାତ୍ମ୍ୟ ବଢ଼ିବା ଯୋଗୁଁ ଚିନ୍ତାରେ ପଡ଼ିଛନ୍ତି ସେବାୟତ । ତେବେ ଏହାର ନିରାକରଣ ଓ ପ୍ରତିକାର ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ବୈଠକ । ସେବାୟତଙ୍କ ସହ ଆଲୋଚନା କରିଛନ୍ତି ପୁରୀ ଜିଲ୍ଲାପାଳ । ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବରିଷ୍ଠ ସେବାୟତ, ଛତିଶା ନିଯୋଗ ନାୟକ, ଦଇତାପତି ନିଯୋଗର ସମ୍ପାଦକଙ୍କୁ ନେଇ ବିସ୍ତୃତ ଆଲୋଚନା କରିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ।

ତେବେ ବୈଠକ ସରିବା ପରେ ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ସୂଚନା ଦେଇଛନ୍ତି, ମୂଷା ଓ ଅସରପା ଅନ୍ଧାରର ସୁଯୋଗ ନେଇ ମହାପ୍ରଭୁଙ୍କ ନିଦ୍ରାରେ ବାଧା ସୃଷ୍ଟି କରୁଛନ୍ତି । ଏଣୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ କୌଣସି କ୍ଷତି ହେବା ପୂର୍ବରୁ ଏହାର ନିରାକରଣ ଏବଂ ପ୍ରତିକାର ପାଇଁ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ଶାସ୍ତ୍ର ସମ୍ମତ ତଥା ପରମ୍ପରା ଅନୁଯାୟୀ ମୂଷାଙ୍କ ପାଇଁ ଯନ୍ତା ବସିବା ସହ ଅସରପାଙ୍କ ପାଇଁ ଗୁଡ଼ ମାଠିଆ ବସିବାର ବିଧି ବ୍ୟବସ୍ଥା ରହିଛି । ମହାପ୍ରଭୁ ନିଦ୍ରାରେ ଯିବା ସମୟରେ ଜୟ ବିଜୟ ଦ୍ୱାର ଠାରୁ ଗର୍ଭଗୃହ ଅନ୍ଧାର ରହିବାର ପରମ୍ପରା ରହିଛି । ଏହାର ସୁଯୋଗ ନେଇ ମୂଷା ଓ ଅସରପାଙ୍କ ଉପଦ୍ରବ ବଢ଼ୁଛି । ବିଭିନ୍ନ ସମୟରେ ମହାପ୍ରଭୁଙ୍କ କନକମୁଣ୍ଡି ଚାନ୍ଦୁଆରେ ମୂଷା ଓ ଅସରପା ଘର କରି ରହୁଛନ୍ତି । ଏଣୁ ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଏହାର ନିରାକରଣ ଏବଂ ପ୍ରତିକାର ଉପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଛତିଶା ନିଯୋଗର ନାୟକ ।

# ଶିମିଳିପାଳ ବାଘୁଣୀ 'ଜୀନତ' ବେକରୁ ଖୋଲା ହେବ ରେଡିଓ କୋଲାର

**ରାଇରଙ୍ଗପୁର, ୨୯/୦୮ ନ୍ୟୁଜ ବ୍ୟୁରୋ**

ଶିମିଳିପାଳ ଅଭୟାରଣ୍ୟରୁ ଆସିଛି ଏକ ଖୁସିର ଖବର । ପରିବେଶ ସହିତ ଖାପ ଖୁଆଇ ଚଳିବା ଶିଖି ଗଲାଣି ଜୀନତ । ତେଣୁ ବାଘୁଣୀ ଜୀନତ ବେକରୁ ଖୋଲା ହେବ ରେଡିଓ କୋଲାର ବୋଲି ସୂଚନା ମିଳିଛି । ୨୦୨୪ ମସିହାରେ ମହାରାଷ୍ଟ୍ରର ତଡବା-ଅନ୍ଧାରୀ ଟାଇଗର ରିଜର୍ଭରୁ ଅଣା ଯାଇଥିବା ବାଘୁଣୀ ଜୀନତ ବେକରେ ବନ୍ଧା ଯାଇଥିବା ରେଡିଓ କୋଲାର ଖୁବ୍‌ଶୀଘ୍ର ହଟିବାକୁ ଯାଉଛି । ବାଘୁଣୀ ଜୀନତ ନିଜର ଚାରିଟି ଶାବକ ସହିତ ନିର୍ଭୟରେ ଶିମିଳିପାଳ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲରେ ବିଚରଣ କରୁଛି । ଶିମିଳିପାଳର ଘଞ୍ଚ ଜଙ୍ଗଲକୁ ଜୀନତ ଏବେ ନିଜ ବାସସ୍ଥାନ ଭାବେ ଦେଖି ଆସୁଛି । ୨୦୨୪ ମସିହା ନଭେମ୍ବର ମାସରେ ଜୀନତକୁ ଉତ୍ତର ଶିମିଳିପାଳ ଡିଭିଜନର ଚହଲା ନିକଟସ୍ଥ ଏକ ସଫ୍ଟ ଏନକ୍ଲୋଜରରେ ରଖା ଯାଇଥିଲା । ସଫ୍ଟ ଏନକ୍ଲୋଜରରୁ ଜୀନତକୁ ମୁକ୍ତ କରାଯିବା ପରେ କିଛି ଦିନ ଶିମିଳିପାଳ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲରେ ରହିଥିଲା । ହେଲେ ପରେ ଜଙ୍ଗଲ ଦେଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ପ୍ରାୟ ୩୦୦ କିଲୋମିଟର ପଳେଇ ଯାଇଥିଲା ଜୀନତ । ଶିମିଳିପାଳ କର୍ତ୍ତୃପକ୍ଷଙ୍କ ପ୍ରୟାସରେ ରେଡିଓ କୋଲାର ସାହାଯ୍ୟରେ ଜୀନତକୁ ଟ୍ରାକ କରାଯାଇ ବହୁ କଷ୍ଟରେ ପୁଣି ଥରେ ଶିମିଳିପାଳକୁ ଫେରାଇ ଅଣା ଯାଇଥିଲା । ୨୦୨୬ ଜୁନ୍ ମାସରେ ଜୀନତ ୪ଟି ଶାବକକୁ ଜନ୍ମ ଦେଇଥିଲା । ଯାହାକି ଶିମିଳିପାଳରେ ଲାଗିଥିବା ଟ୍ରାପ୍ କ୍ୟାମେରା ଫୋଟୋ ମାଧ୍ୟମରେ ସ୍ପଷ୍ଟ ଜଣା ପଡ଼ିଥିଲା । ଏହା ଇଣ୍ଟରଷ୍ଟେଟ ଟାଇଗର ଟ୍ରାନ୍ସଲୋକେସନ ପ୍ରକଳ୍ପର ଏକ ବଡ଼ ସଫଳତା ଭାବେ ପରିଗଣିତ ହୋଇଥିଲା । ଜୀନତର ଚାରି ଶାବକ ଏବେ ୩ ମାସରୁ ଅଧିକ ବୟସର ହୋଇ ଶିମିଳିପାଳ ଅଭୟାରଣ୍ୟରେ ମା' ବାଘୁଣୀ ଜୀନତ



ସହିତ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି । ତେଣୁ ଯଥାଶୀଘ୍ର ରେଡିଓ କୋଲାର ହଟାଇବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । ଜୁନ୍ ମାସରେ ହିଁ ଏକ ଟେକ୍ନିକାଲ କମିଟି ରେଡିଓ କୋଲାର ହଟାଇବା ପାଇଁ ଆଲୋଚନା କରିଥିଲେ । ଏ ସମ୍ପର୍କରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗୀନେନୀ କହିଛନ୍ତି, ଜୀନତ ବେକରେ ଲାଗିଥିବା ରେଡିଓ କୋଲାର ହଟିବା ପାଇଁ ସମସ୍ତ ନିୟମାବଳୀ ପୂର୍ଣ୍ଣ ହୋଇ ଥିବାରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅବଗତ କରାଯାଇଛି ।

# ୨୦୨୫ ବର୍ଷ ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯/୦୮ ନ୍ୟୁଜ ବ୍ୟୁରୋ**

ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରଠାରେ ରାଜ୍ୟ ସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟର କୃତୀ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ସାହସୀ ବ୍ୟକ୍ତିବିଶେଷଙ୍କୁ ମର୍ଯ୍ୟାଦାଜନକ 'ବିଜୁ ପଟ୍ଟନାୟକ କ୍ରୀଡ଼ା ଏବଂ ସାହସିକତା ପୁରସ୍କାର' ପ୍ରଦାନ କରିଛନ୍ତି । 'ହକି'ର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ପବିତ୍ର ଜୟନ୍ତୀରେ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟବାସୀଙ୍କୁ ଜାତୀୟ କ୍ରୀଡ଼ା ଦିବସର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ମେଜର ଧ୍ୟାନଚାନ୍ଦଙ୍କ ଉକ୍ତି 'ଦେଶ ମୋ ପାଇଁ କ'ଣ କରିଛି, ତାହା ବଡ଼ କଥା ନୁହେଁ, ମୁଁ ଦେଶ ପାଇଁ କ'ଣ କରିଛି, ତାହା ମହତ୍ତ୍ୱପୂର୍ଣ୍ଣ'ର ମହାମନ୍ତ୍ରକୁ ରାଜ୍ୟର ପ୍ରତ୍ୟେକ ଯୁବକ ଯୁବତୀ ନିଜ ଦୈନନ୍ଦିନ ଜୀବନରେ ଆପଣେଇବା ପାଇଁ ଆହ୍ୱାନ କରିଥିଲେ । ଏଥିସହିତ ଚଳିତ ବର୍ଷର ଜାତୀୟ ଥିମ୍ 'ଖେଳିବ ଭାରତ, ଜିତିବ ଭାରତ' ଆଧାରରେ 'ଖେଳିବ ଓଡ଼ିଶା, ଜିତିବ ଓଡ଼ିଶା' ସଂକଳ୍ପ ନେଇ ଓଡ଼ିଶାକୁ ବିଶ୍ୱର କ୍ରୀଡ଼ା ରାଜଧାନୀ ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଖେଳ ପଡ଼ିଆରୁ ବିଶ୍ୱ ଦରବାର ପର୍ଯ୍ୟନ୍ତ ଓଡ଼ିଶାର ଏହି କାୟାକଳ୍ପକୁ 'ପଡ଼ିଆରୁ ପୋଡ଼ିୟମ୍' ଅଭିମୁଖ୍ୟ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଆଜି ଭାରତର ଏକ ପ୍ରମୁଖ କ୍ରୀଡ଼ା ଶକ୍ତିକେନ୍ଦ୍ର ଭାବେ ଉଭା ହୋଇଛି । ରାଜ୍ୟର ପିଲାମାନଙ୍କ ପାଇଁ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିବା ଏବଂ ଆମ ପିଲାମାନଙ୍କ ପାଇଁ ସର୍ବୋତ୍ତମ ତାଲିମ ସୁବିଧା ପ୍ରଦାନ ନିମନ୍ତେ ଆମେ ପ୍ରତିବଦ୍ଧତାର ସହ କାର୍ଯ୍ୟରତ ଅଛୁ ବୋଲି ଦର୍ଶାଇ ସେ କହିଥିଲେ, ତୃଣମୂଳ ସ୍ତରରୁ କ୍ରୀଡ଼ାର ବିକାଶ ପାଇଁ ରାଜ୍ୟର ୩୧୪ଟି ବ୍ଲକରେ ୪,୧୨୪ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ, ଭୁବନେଶ୍ୱରର ଗୋଠପାଟଣାଠାରେ ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଢେଙ୍କାନାଳରେ 'ବାଜି ରାଉତ ରିଜିଓନାଲ ସ୍ପୋର୍ଟ୍ସ ହବ୍' ସମେତ ଅନ୍ୟ ୫ଟି ଆଞ୍ଚଳିକ ହବ୍ ସ୍ଥାପନ କରାଯାଉଛି । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ନୟାଗଡ଼ ଜିଲ୍ଲାର ସୌମ୍ୟରଞ୍ଜନ ବେହେରାଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ସହିତ ଯାଜପୁର ଜିଲ୍ଲାର ସ୍ୱର୍ଗତ ନୀଳମାଧବ ପଣ୍ଡା ଏବଂ ସୁନିଲ କୁମାର ରାୟଙ୍କୁ ମରଣୋତ୍ତର ବିଜୁପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିଥିଲେ । କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପ୍ରୋତ୍ସାହନ ନିମନ୍ତେ 'ଜୀବନବ୍ୟାପୀ ସାଧନା' ପାଇଁ ପ୍ରଣତି ମିଶ୍ର, କ୍ରୀଡ଼ା ସାମ୍ବାଦିକତାରେ ଉତ୍କର୍ଷତା ପାଇଁ ଶକ୍ତି ପ୍ରସାଦ ନନ୍ଦ, 'କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ' ପାଇଁ ସୁଶ୍ରୀ ଲୋମା ସ୍ୱାଇଁ, 'ଶ୍ରେଷ୍ଠ ପ୍ରଶିକ୍ଷକ' ଭାବେ ଗୋପାଳ କୃଷ୍ଣ ଦାଶ, 'ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍' ଭାବେ ସୁଚିତ୍ରା ପରିଡ଼ା, 'ଶ୍ରେଷ୍ଠ ଉଦୀୟମାନ କ୍ରୀଡ଼ାବିତ୍' ଭାବେ ପ୍ରତୀକ ମହାରଣା ଓ ପାୟଲ ନାଗ, 'ଶ୍ରେଷ୍ଠ ବୈଷୟିକ ଅଧିକାରୀ' ଭାବେ ପ୍ରବୋଧ କୁମାର ମହାନ୍ତି ଏବଂ 'ସର୍ବୋତ୍ତମ



କ୍ରୀଡ଼ା ପ୍ରୋତ୍ସାହନ ସଂସ୍ଥା' ଭାବେ ସମ୍ବଲପୁରର ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବକୁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଥିଲେ । ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ କ୍ଲବର ଅଧ୍ୟକ୍ଷ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ହକି'ର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, କେବଳ ଦକ୍ଷତା ନୁହେଁ, ବରଂ ନିଷ୍ଠା ଓ ଶୃଙ୍ଖଳା ହିଁ ଜଣେ ସାଧାରଣ ଖେଳାଳିକୁ ମହାନ ଖେଳାଳିରେ ପରିଣତ କରେ, ଏହାର ପ୍ରମାଣ ହେଉଛନ୍ତି, ମେଜର ଧ୍ୟାନଚାନ୍ଦ । ତେଣୁ ଏହି ମହାନ୍ କ୍ରୀଡ଼ାବିତ୍‌ଙ୍କ ଖେଳ ପ୍ରତି ନିଷ୍ଠା ଓ ସମର୍ପଣକୁ ପ୍ରତ୍ୟେକ ଖେଳାଳୀ ନିଜ ଜୀବନର ମାର୍ଗଦର୍ଶକ ଭାବେ ଗ୍ରହଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବଲାଙ୍ଗୀର ଜିଲ୍ଲାର ପାରା ତୀରନ୍ଦାଜ୍ କ୍ରୀଡ଼ାବିତ ସୁଶ୍ରୀ ପାୟଲ ନାଗ୍‌ଙ୍କୁ ପ୍ରଶଂସା କରି କହିଥିଲେ ଯେ, ହାତ ନ ଥାଇ ମଧ୍ୟ ସେ ଆଜି କ୍ରୀଡ଼ା କ୍ଷେତ୍ରରେ ଗୋଲ୍ଡ ମେଡାଲ ପାଇ ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି । କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଡକ୍ଟର ୟେଦୁଲା ବିଜୟ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଜାତୀୟ କ୍ରୀଡା ଦିବସ ଅବସରରେ କୃତୀ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କଲେ ଡିଜିପି

**ଭୁବନେଶ୍ୱର,୨୯/୦୮ ନ୍ୟୁଜ ବ୍ୟୁରୋ**

କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର କୃତୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଓଡ଼ିଶା ପୋଲିସର ଏହି କ୍ରୀଡ଼ାବିତ୍‌ମାନେ ଜାତୀୟ ସ୍ତରର କାୟାକିଂ ଓ କାନୋଇଂ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରି ରାଜ୍ୟ ତଥା ଓଡ଼ିଶା ପୋଲିସ ପାଇଁ ଗୌରବ ଆଣିଛନ୍ତି । ଡିଜିପି ଶ୍ରୀ ମିଶ୍ର କ୍ରୀଡ଼ାବିତମାନଙ୍କ ନିଷ୍ଠା, ପରିଶ୍ରମ ଓ ଉତ୍କର୍ଷର ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପୋଲିସର ସୁନାମ ବଢ଼ାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଗତ ଅଗଷ୍ଟ ୮ରୁ ୯ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଭୋପାଳ ଠାରେ ଅନୁଷ୍ଠିତ ହୋଇଥିବା ଅସ୍ମିତା ଜାତୀୟ ଜଳକ୍ରୀଡ଼ା ଚାମ୍ପିୟନସିପ୍ ୨୦୨୬ରେ ଓଡ଼ିଶା ପୋଲିସ କ୍ରୀଡ଼ାବିତମାନେ ବିଭିନ୍ନ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୧ଟି ବ୍ରୋଞ୍ଜ ସହ ମୋଟ ୮ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ପ୍ରତିଯୋଗିତାରେ ଡବ୍ଲୁସି/୧୩୬୬ ରଶ୍ମିତା ସାହୁ ୩ଟି ପଦକ ହାସଲ କରିଛନ୍ତି । ସେ କାନୋଇଂ ସିଙ୍ଗଲ୍ ୧୦୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୫୦୦ ମିଟର ଓ ୨୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ ।

### ନଚିକେତା ବାର୍ଷିକ ବକ୍ତୃତାମାଳାରେ ବକ୍ତାଙ୍କ ମତ

# ସମ୍ବଳର ସଠିକ ବିନିଯୋଗ ଓ ଉଦ୍ୟୋଗର ଅଭିବୃଦ୍ଧି ଘଟୁ



**ଭୁବନେଶ୍ୱର, ୨୯/୮ ନ୍ୟୁଜ ବ୍ୟୁରୋ**

ଭୌଗୋଳିକ ଅବସ୍ଥିତି ଏବଂ ପ୍ରାକୃତିକ ପରିବେଶ ଯୋଗୁ ପ୍ରଚୁର ପରିମାଣରେ ସମ୍ବଳ ଗଚ୍ଛିତ ହୋଇ ରହିଥିଲେ ସୁଦ୍ଧା ଧନୀ ରାଜ୍ୟରେ ଓଡ଼ିଶାବାସୀ ଗରିବ ଏବଂ ଅନ୍ୟ ଉପରେ ନିର୍ଭରଶୀଳ । ଖାଦ୍ୟ ପଦାର୍ଥ ଠାରୁ ଚପଲ, ଜୋତା, ସାଇକେଲ୍, କାଗଜ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପାଇଁ ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଯଦିଓ ଆମେ ଅତୀତକୁ ବଦଳାଇପାରିବା ନାହିଁ, ହେଲେ ଏକ ଉନ୍ନତ ଭବିଷ୍ୟତ ପାଇଁ ବର୍ତ୍ତମାନ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ ହେଉ । ନଚିକେତା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବୁଦ୍ଧ ମନ୍ଦିରରେ ଆୟୋଜିତ ନଚିକେତା ବାର୍ଷିକ ବକ୍ତୃତାମାଳାରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏଭଳି କହିଛନ୍ତି ଚାଟାର୍ଡ ଆକାଉଣ୍ଟାଣ୍ଟ ପୂର୍ଣ୍ଣେନ୍ଦୁ କର । ସେ ନିଜ ଅଭିଭାଷଣରେ ଓଡ଼ିଶାର ବିକାଶ ପାଇଁ ଦଶଗୋଟି ପ୍ରସ୍ତାବ ଯେପରିକି ଚାଷକୁ ବୃତ୍ତି ନକରି ବ୍ୟବସାୟରେ ପରିଣତ, କୃଷିଭିତ୍ତିକ ଶିଳ୍ପ ସୃଷ୍ଟି, ଆଞ୍ଚଳିକ ଉଦ୍ୟୋଗର ବିକାଶ, ସୁଦୀର୍ଘ ଉପକୂଳର ସଦୁପଯୋଗ, ଶିକ୍ଷର ପ୍ରତିଷ୍ଠା ପାଇଁ ଭିତ୍ତିଭୂମିର ଉନ୍ନତୀକରଣ, ପର୍ଯ୍ୟଟନର ବିନିଯୋଗ, ଟେକ୍ନୋଲୋଜିର ପରିସର ବୃଦ୍ଧି, ରାଜ୍ୟର ଐତିହ୍ୟ, ସଂସ୍କୃତିର ବିଶ୍ୱ ଦରବାରରେ ପ୍ରସାର, ଉଦ୍ୟୋଗ ପାଇଁ ପ୍ରୋତ୍ସାହନ ଉପରେ ତଥ୍ୟ ସହିତ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ ଓଡ଼ିଶାର ବିକାଶ ପାଇଁ ପ୍ରଥମେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ବିକାଶ ଓ ଜାତୀୟକରଣ ହେବା ଆବଶ୍ୟକ । ପିଲାମାନେ ଉପଯୁକ୍ତ ପ୍ରଶିକ୍ଷଣ ପାଇଲେ ରାଜ୍ୟର ଅର୍ଥନୀତି ସୁଦୃଢ଼ ହେବା ସହିତ ସାମାଜିକ ବିକାଶ ହୋଇପାରିବ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ରାଜ୍ୟକୁ ଶୀର୍ଷକୁ ନେବା ପାଇଁ ରାଜ୍ୟର ଐତିହ୍ୟ ଏବଂ ପ୍ରାକୃତିକ ସମ୍ପତ୍ତିର ସଂରକ୍ଷଣ, ଗ୍ରାମୀଣ ଆୟ ବୃଦ୍ଧି, ନିବେଶ ସୁଯୋଗ ସୃଷ୍ଟି ଓ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି 'ଦ ନିୟୁ ଇଣ୍ଡିଆନ ଏକ୍ସପ୍ରେସ'ର ଆବାସିକ ସମ୍ପାଦକ ଶିବ କୁମାର ମହାନ୍ତି କହିଲେ ଯେ ରାଜ୍ୟରେ ଉନ୍ନତ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ଓ ବୈଷୟିକ ଜ୍ଞାନକୌଶଳର ଅଭିବୃଦ୍ଧି କରାଯାଉ । ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ଗୌରହରି ଦାସ ନିଜ ସଭାପତିତ୍ୱ ଅଭିଭାଷଣରେ ଅତୀତକୁ ଦୋଷ ନଦେଇ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ସଭିଏ ଆଗେଇ ଆସନ୍ତୁ ବୋଲି କହିଥିଲେ । ଏଥିସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ରାଜକିଶୋର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ଟ୍ରଷ୍ଟି ପ୍ରିୟବ୍ରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ ।

# ଭିଜିଲାନ୍ସ ଜାଲରେ କନିଷ୍ଠ ରାଜସ୍ୱ ସହାୟକ

**ଭୁବନେଶ୍ୱର, ୨୯/୦୮ ନ୍ୟୁଜ ବ୍ୟୁରୋ**



ଭିଜିଲାନ୍ସ ଜାଲରେ ଆଉ ଜଣେ ସରକାରୀ କର୍ମଚାରୀ । କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଫିସ୍‌ର କନିଷ୍ଠ ରାଜସ୍ୱ ସହାୟକ ବି. ଏଚ୍ ଉମାଶଙ୍କର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଜମି ପଟ୍ଟା କରାଇ ଦେବାକୁ ଜଣେ ବ୍ୟକ୍ତିଙ୍କ ଠାରୁ ୬ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଉମାଶଙ୍କରଙ୍କୁ ଭିଜିଲାନ୍ସ ଗିରଫ୍ କରିଛି । ତାଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୧୭/୨୦୨୬) ରୁଜୁ କରାଯାଇଛି । ତେବେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଦିଗକୁ ନେଇ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଆରମ୍ଭ ହୋଇଛି । ଉମାଶଙ୍କରଙ୍କ ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଯାଞ୍ଚ କରାଯାଇଛି ।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଏବଂ ତାଙ୍କ ସମ୍ପର୍କୀୟମାନେ କିଛି ଦିନ ତଳେ ଏକ ଜମି କିଣିଥିଲେ । ତେବେ ସେମାନଙ୍କ ନାମରେ ପଟ୍ଟା କରିବାକୁ ସମସ୍ୟାରେ ପଡ଼ିଥିଲେ । ଜୁନ ୩ ତାରିଖରେ ଅଭିଯୋଗକାରୀ ଜଣକ ଅନ୍ ଲାଇନ୍ ଜରିଆରେ ଆବେଦନ କରିଥିଲେ । ତେବେ ଉମାଶଙ୍କର ପଟା ପାଇଁ ପ୍ରକ୍ରିୟା କରିନଥିଲେ । ଏହି କାମ ପାଇଁ ସେ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଲାଞ୍ଚ ନ ଦେଲେ କାମ ହେବ ନାହିଁ ବୋଲି ଉମାଶଙ୍କର ରୋକ୍ ଠୋକ୍ କହିଥିଲେ । ପରେ ଏନେଇ ଅଭିଯୋଗକାରୀ ଜଣକ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗକାରୀଙ୍କ ଠାରୁ ଉମାଶଙ୍କର ତହସିଲ ଅଫିସର ଗ୍ୟାରେଜରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ଖବର ପାଇ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ଟିମ୍ ଚଢ଼ଉ କରି ଉମାଶଙ୍କରଙ୍କୁ ଲାଞ୍ଚ ଟଙ୍କା ସହ କାବୁ କରିଥିଲା ।

# ବୁର୍ଲାରେ ଫୁଟିଲା ଗୁଳି ମାଂସ ବ୍ୟବସାୟୀ ନିହତ

**ସମ୍ବଲପୁର, ୨୯/୮ ନ୍ୟୁଜ ବ୍ୟୁରୋ**

ବୁର୍ଲା ଥାନା ଅନ୍ତର୍ଗତ ଅତ୍ୟନ୍ତ ବ୍ୟସ୍ତବହୁଳ ଅଞ୍ଚଳ କିର୍ବା ଛକରେ ଦିନ ଦ୍ୱିପ୍ରହରରେ ଗୁଳିକାଣ୍ଡ ଘଟିଛି । ଏହି ଘଟଣାରେ କିର୍ବା ଛକରେ ମାଂସ ଦୋକାନ ଦେଇଥିବା ମହମ୍ମଦ ଅନିଶ (୩୬)ଙ୍କ ମୃତ୍ୟୁ ଘଟିଛି । ପୋଲିସ ଝାରସୁଗୁଡ଼ା ମଙ୍ଗଳବଜାରର ଅଭିଯୁକ୍ତ ରାଜା ସ୍ୱାମୀ(୨୫)ଙ୍କୁ ଅଟକ ରଖି ପଚରାଉଚରା କରୁଛି । ତା' ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ବେଆଇନ ବନ୍ଧୁକକୁ ପୋଲିସ ଜବତ କରିଛି । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜୟ କୁମାର ମିଶ୍ରଙ୍କ ସୂଚନା ଅନୁସାରେ ମାଂସ ଦୋକାନୀ ଅନିଶଙ୍କ ନିକଟରେ କାମ କରୁଥିବା ଅଭିଯୁକ୍ତ ରାଜା ସ୍ୱାମୀ ଏହି ଗୁଳି ଚାଳନା କରିଛି । ଏକ ଦେଶୀ ବନ୍ଧୁକରୁ ଅତି ନିକଟରୁ ୩ ରାଉଣ୍ଡ ଗୁଳି ଚଳାଯାଇଥିବା ବେଳେ ଘଟଣାସ୍ଥଳରୁ ୫ଟି ଖୋକା ମିଳିଛି । ଅନିଶଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଭୀମସାରକୁ ନିଆଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନା ପାଇ ବୁର୍ଲା ପୋଲିସଙ୍କ ସହିତ ଅନ୍ୟ ପୋଲିସ ସହଯୋଗରେ ଅଭିଯୁକ୍ତକୁ ତୁରନ୍ତ ଧରିବା ସହିତ ବ୍ୟବହାର କରିଥିବା ଦେଶୀ ବନ୍ଧୁକ ଜବତ କରି ତଦନ୍ତ ଜାରି ରଖିଛି ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।


ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭ ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

### ବିଜେପି ସାଂସଦଙ୍କୁ ନବୀନଙ୍କ ଚିଠି

# ଓଡ଼ିଶାର ସ୍ୱାର୍ଥ ପାଇଁ ସ୍ୱର ଉଠାଇବାକୁ ଆହ୍ୱାନ

**ଭୁବନେଶ୍ୱର, ୨୮/୦୮ ନ୍ୟୁଜ ବ୍ୟୁରୋ**

'ଇତିହାସ ସେମାନଙ୍କୁ ମନେ ରଖେ ଓ ସମ୍ମାନ କରେ, ଯେଉଁମାନେ ଅନ୍ୟାୟ ହେଲେ ନିଜ ଲୋକ ଓ ସେମାନଙ୍କ ସମ୍ପଦ ପାଇଁ ସ୍ୱର ଉଠାନ୍ତି । ଓଡ଼ିଶା ପାଇଁ ଏହି ଐତିହାସିକ ମୁହୂର୍ତ୍ତରେ ସାଂସଦମାନେ ଦଳୀୟ ସମର୍ଥନ ଅପେକ୍ଷା ଓଡ଼ିଶାର ସ୍ୱାର୍ଥ ପାଇଁ କେଉଁ ଭୂମିକା ନେଉଛନ୍ତି, ତାହା ହିଁ ଇତିହାସ ବିଚାର କରିବ ।' ମାଇନ୍ସ ଆଣ୍ଡ ମିନେରାଲ୍ସ ଆମେଣ୍ଡମେଣ୍ଟ ବିଲ୍, ୨୦୨୬କୁ ବିରୋଧ କରିବା ପାଇଁ ବିଜେପି ସାଂସଦମାନଙ୍କୁ ଏଭଳି ଚିଠି ଲେଖି ଆହ୍ୱାନ ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏହି ନିଷ୍ପତ୍ତି ସାଂସଦମାନଙ୍କ ବିବେକ ଓ ବିଚାର ଉପରେ ଛାଡ଼ିଛନ୍ତି ନବୀନ । ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭେଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆମେଣ୍ଡମେଣ୍ଟ ବିଲ୍, ୨୦୨୬କୁ ନେଇ ରାଜନୈତିକ ତାତି ବଢ଼ିଛି । ଏହି ବିଲ୍‌କୁ ଲୋକସଭାରେ ସମର୍ଥନ କରିଥିବା ଓଡ଼ିଶାର ବିଜେପି ସାଂସଦମାନଙ୍କୁ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ନିଜ ବିବେକର କଥା ଶୁଣିବା ସହ ଓଡ଼ିଶାର ସ୍ୱାର୍ଥ ପାଇଁ ଠିଆ ହେବାକୁ ଅପିଲ୍ କରିଛନ୍ତି ବିଜେଡି ସଭାପତି । ରାଜ୍ୟ ସରକାରଙ୍କ କ୍ଷମତାକୁ ହ୍ରାସ କରୁଥିବା ଏହି ସଂଶୋଧନକୁ ପ୍ରତ୍ୟାହାର କରିବା ପାଇଁ ସେ ସାଂସଦମାନଙ୍କୁ ଆହ୍ୱାନ ଦେଇଛନ୍ତି । ଓଡ଼ିଶା ପାଇଁ ଅଗଷ୍ଟ ୧୩ କଳା ଦିନ' । କାରଣ ଏହି ଦିନ ଓଡ଼ିଶା ବିରୋଧୀ ବିଲ୍‌କୁ କେନ୍ଦ୍ର ସରକାର ପାର୍ଲିଆମେଣ୍ଟରେ ପାରିତ କରିଛନ୍ତି । ମାଇନ୍ସ ଆଣ୍ଡ ମିନେରାଲ୍ସ ଆମେଣ୍ଡମେଣ୍ଟ ବିଲ୍, ୨୦୨୬ ଓଡ଼ିଶା ବିରୋଧୀ । ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର କ୍ଷୁଣ୍ଣ ହେଉଛି । ଏହା କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏହି କ୍ରମରେ ଶ୍ରୀ ପଟ୍ଟନାୟକ ଶନିବାର ବିଜେପି ସାଂସଦଙ୍କୁ ଚିଠି ଲେଖିଛନ୍ତି । ଓଡ଼ିଶାର ବିଜେପି ସାଂସଦମାନଙ୍କୁ ନିଜ ବିବେକର କଥା ଶୁଣିବାକୁ ଶ୍ରୀ ପଟ୍ଟନାୟକ ଅନୁରୋଧ



କରିଛନ୍ତି । ଏମଏମଡିଆର ଆଇନ ସଂଶୋଧନ ପ୍ରତ୍ୟାହାର ପାଇଁ ପୁନର୍ବାର ଅପିଲ୍ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ । ଶ୍ରୀ ପଟ୍ଟନାୟକ ଚିଠିରେ ଦର୍ଶାଇଛନ୍ତି, 'ଭାରତୀୟ ସଂସଦ ହେଉଛି ଭାରତୀୟ ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର । ସାଂସଦ ଭାବେ ଓଡ଼ିଶାର ଲୋକଙ୍କ ସ୍ୱର ଭାବେ ସେମାନେ ସଂସଦରେ ପ୍ରତିନିଧିତ୍ୱ କରୁଛନ୍ତି । ଓଡ଼ିଶାବାସୀ ସେମାନଙ୍କୁ ନିଜ ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ପାଇଁ ଭରସା କରି ସଂସଦକୁ ପଠାଇଛନ୍ତି । ତେଣୁ ଓଡ଼ିଶାର ଲୋକଙ୍କ ଉପରେ ଦୂରଗାମୀ ପ୍ରଭାବ ପକାଇପାରୁଥିବା ଏକ ଆଇନକୁ ସେମାନେ ସମର୍ଥନ କରିଥିବା ନେଇ ଶ୍ରୀ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅଗଷ୍ଟ ୧୩ ତାରିଖକୁ ଓଡ଼ିଶା ପାଇଁ ଏକ 'କଳା ଦିନ' ଭାବେ ଶ୍ରୀ ପଟ୍ଟନାୟକ ଅଭିହିତ କରିଛନ୍ତି । ସେହି ଦିନ ଲୋକସଭାରେ ଏମଏମଡିଆର ଆମେଣ୍ଡମେଣ୍ଟ ବିଲ୍, ୨୦୨୬ ପାରିତ ହୋଇଥିଲା । ମାତ୍ର ୧୦ ମିନିଟରୁ କମ୍ ସମୟର ଆଲୋଚନା ପରେ ବିଲ୍‌ଟି ପାରିତ ହୋଇଥିଲା । ଏହି ବିଲ୍‌ର ବ୍ୟବସ୍ଥା ଓଡ଼ିଶାର ଲୋକଙ୍କ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇବ । ଦେଶର ମୋଟ ଖଣିଜ ସମ୍ପଦର ପ୍ରାୟ ୪୪ ପ୍ରତିଶତ ଓଡ଼ିଶାରେ ରହିଛି । ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ନିଜର ଖଣିଜ ସମ୍ପଦ ମାଧ୍ୟମରେ ଦେଶର ଇସ୍ପାତ, ବିଦ୍ୟୁତ, ଖଣି ଓ ଭିତ୍ତିଭୂମି କ୍ଷେତ୍ର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଆସିଛି । ଓଡ଼ିଶା ଓ ଓଡ଼ିଶାବାସୀଙ୍କ ଅବଦାନ ଯୋଗୁଁ ଦେଶ ଆଜି ଅଧିକ ଶକ୍ତିଶାଳୀ ହୋଇଛି । ଏହି ଆଇନ ପ୍ରଭାବରେ ଓଡ଼ିଶାକୁ ବାର୍ଷିକ ୧୨ ହଜାର କୋଟି ଟଙ୍କାରୁ ଅଧିକ କ୍ଷତି ହୋଇପାରେ । ଏହାଠାରୁ ବଡ଼ କ୍ଷତି ହେଉଛି, ନିଜ ଖଣିଜ ସମ୍ପଦ ଏବଂ ଖଣିଜ ସମୃଦ୍ଧ ଜମି ଉପରେ ରାଜ୍ୟର ନିୟନ୍ତ୍ରଣକୁ ଏକ ଆଇନଗତ ପରିବର୍ତ୍ତନ ମାଧ୍ୟମରେ ହଟାଇ ଦିଆଯାଇଛି । ଏହି ପରିବର୍ତ୍ତନ ଓଡ଼ିଶାର ଲୋକଙ୍କ ସ୍ୱାର୍ଥକୁ ପ୍ରଭାବିତ କରିବ । ଶ୍ରୀ ପଟ୍ଟନାୟକ ଚିଠିରେ କେବଳ ରାଜସ୍ୱ କ୍ଷତିର କଥା ଉଠାଇନାହାନ୍ତି । ଖଣି ଖନନ ଯୋଗୁଁ ହେଉଥିବା ପ୍ରଦୂଷଣ, ବିସ୍ଥାପନ, ପରିବେଶ ଅବକ୍ଷୟ ଏବଂ ଖଣିଜ କାର୍ଯ୍ୟକଳାପ ସହ ଜଡ଼ିତ ବିପଦ ଓ ଦୁର୍ଦ୍ଦଶା ମଧ୍ୟ ଓଡ଼ିଶାର ଲୋକଙ୍କୁ ଭୋଗିବାକୁ ପଡୁଛି ବୋଲି ସେ କହିଛନ୍ତି । ଏହାର ସିଧାସଳଖ ପ୍ରଭାବ ରାଜ୍ୟର ଶିଶୁ ଓ ଯୁବପିଢ଼ିର ଭବିଷ୍ୟତ ଉପରେ ପଡ଼ିବ ବୋଲି ସେ ଆଶଙ୍କା କରିଛନ୍ତି । ଏହା କେବଳ ଏକ ଆଇନର ପ୍ରସଙ୍ଗ ନୁହେଁ । ଏହା ଏକ ସଶକ୍ତ ଓଡ଼ିଶା ଗଠନର ସ୍ୱପ୍ନ ସହ ଜଡ଼ିତ । ନିଜର ଭବିଷ୍ୟତ ନିଜେ ନିର୍ଦ୍ଧାରଣ କରିବା ପାଇଁ ଓଡ଼ିଶାର ଯେଉଁ ଆତ୍ମବିଶ୍ୱାସ ଓ ସମ୍ପଦ ରହିଛି ସେଥିରେ ଏହି ଆଇନ ଆସିବା ଅନ୍ୟାୟ । ଶ୍ରୀ ପଟ୍ଟନାୟକ ଓଡ଼ିଶାର ବିଜେପି ସାଂସଦମାନଙ୍କୁ ନିଜ ବିବେକର କଥା ଶୁଣିବାକୁ ଅନୁରୋଧ କରିଛନ୍ତି । ରାଜ୍ୟ ସରକାରଙ୍କ କ୍ଷମତାକୁ ହଟାଇ ଦେଉଥିବା ଏମଏମଡିଆର ଆଇନର ସଂଶୋଧନକୁ ପ୍ରତ୍ୟାହାର କରିବା ପାଇଁ ଆହ୍ୱାନ ଦେବାକୁ ସେ କହିଛନ୍ତି । ଇତିହାସ ସେମାନଙ୍କୁ ମନେ ରଖେ ଓ ସମ୍ମାନ କରେ, ଯେଉଁମାନେ ଅନ୍ୟାୟ ହେଲେ ନିଜ ଲୋକ ଓ ସେମାନଙ୍କ ସମ୍ପଦ ପାଇଁ ସ୍ୱର ଉଠାନ୍ତି । ଓଡ଼ିଶା ପାଇଁ ଏହି ଐତିହାସିକ ମୁହୂର୍ତ୍ତରେ ସାଂସଦମାନେ ଦଳୀୟ ସମର୍ଥନ ଅପେକ୍ଷା ଓଡ଼ିଶାର ସ୍ୱାର୍ଥ ପାଇଁ କେଉଁ ଭୂମିକା ନେଉଛନ୍ତି, ତାହା ହିଁ ଇତିହାସ ବିଚାର କରିବ । ଶେଷରେ ଏହି ନିଷ୍ପତ୍ତି ସାଂସଦମାନଙ୍କ ବିବେକ ଓ ବିଚାର ଉପରେ ଛାଡ଼ିଛନ୍ତି ଶ୍ରୀ ପଟ୍ଟନାୟକ ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com